

ସତ୍ୟ, ଶାନ୍ତି, ଦୟା, କ୍ଷମା, ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



# ରୋଗ ବାଣ୍ଟୁଛି କ୍ରଶର, ଖଣି ବିଗାଡୁଛି ପରିବେଶ

ଖୋର୍ଦ୍ଧା ଅଫିସ,୨୫।୭

ପ୍ରଦୂଷିତ ହୋଇଚାଲିଛି ଖୋର୍ଦ୍ଧାର ପରିବେଶ। ଖୋର୍ଦ୍ଧା ତହସିଲ ଓ ଆଖପାଖ ଅଞ୍ଚଳରେ କ୍ରଶର ରୋଗ ବାଣ୍ଟୁଥିଲାବେଳେ ପଥର ଖଣି ପରିବେଶକୁ ବିଗାଡି ଦେଇଛି। ବୁଦ୍ଧିଜୀବୀଙ୍କଠାରୁ ଆରମ୍ଭ କରି ସାଧାରଣ ମଣିଷଙ୍କ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ଚିନ୍ତା ଘାରୁଥିଲେ ମଧ୍ୟ କ୍ରଶର ମାଲିକ ଓ ସରକାରୀ କର୍ମଚାରୀ ଏବଂ ଅଧିକାରୀ ମାଲେମାଲ ହେଉଛନ୍ତି। ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ସାଧାରଣ ଲୋକଙ୍କୁ ଅଭିଶପ୍ତ ଜୀବନ ବିତାଇବାକୁ ବାଧ୍ୟ କରାଉଛନ୍ତି। ହେଲେ ଏସ୍‌ଟିଏଫ୍‌ର କ୍ରଶର ଉପରେ ଚଢ଼ାଉ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ବେଆଇନ କ୍ରଶର ଓ ଖଣି ଖନନ ଉପରେ ଲଗାମ ଲଗାଇ ପରିବେଶକୁ ବଞ୍ଚାଅ ବୋଲି ସାଧାରଣରେ ଦାବି ଉଠିଛି। ଅନ୍ୟପକ୍ଷେ କୁରାଢ଼ମଲ୍ଲଠାରୁ କାଇପଦର ଗାଁ ରାସ୍ତାର ଉଭୟପାର୍ଶ୍ୱରେ ୫୦ରୁ ଊର୍ଦ୍ଧ୍ୱ କ୍ରଶର ଗଢ଼ି ଉଠିଛି। ସେହିଭଳି ୧୬ ନଂ. ଜାତୀୟ ରାଜପଥର ଦଧିମାଛଗାଡିଆଠାରୁ ବାଜପୁର ରାସ୍ତା ପାର୍ଶ୍ୱରେ ୨୫, ଦଧିମାଛଗାଡିଆ ଛକରୁ ଦଧିମାଛଗାଡିଆ ଗାଁକୁ ପଡିଥିବା ରାସ୍ତାରେ ୩୦, ତାପଙ୍ଗ ଛକରୁ ତାପଙ୍ଗ ଗାଁକୁ ପଡିଥିବା ରାସ୍ତାପାର୍ଶ୍ୱରେ ୫୦, ଓସିସି ଛକରୁ ତାପଙ୍ଗ ଛକ ପର୍ଯ୍ୟନ୍ତ ରାସ୍ତାରେ ପ୍ରାୟ ୩୩ କ୍ରଶର ଗଢ଼ି ଉଠିଛି।

## ପ୍ରଦୂଷଣ ବଳୟରେ ଖୋର୍ଦ୍ଧା



ପୁଣି କୁରାଢ଼ମଲ୍ଲରୁ ଦେଉଳଟାଙ୍ଗୀ ରାସ୍ତାପାର୍ଶ୍ୱରେ ୨୦, କାଞ୍ଚିଆଗଡରୁ ଝିଙ୍କିଝାରୀ ଗାଁ ରାସ୍ତାପାର୍ଶ୍ୱରେ ୧୨, ଛତ୍ରମା ଛକରୁ ଛତ୍ରମା ଗାଁ ରାସ୍ତାରେ ୫୦ରୁ ଊର୍ଦ୍ଧ୍ୱ କ୍ରଶର ରହିଛି। ଦୁର୍ଗାପୁର ଗାଁ ନିକଟରେ ୩୦ ରୁ ଊର୍ଦ୍ଧ୍ୱ ଓ ତୋଟାପଡା ଛକରୁ କଦଳୀବାରି ଗାଁକୁ ୧୨, ଶିଆଳିଆରୁ ବ୍ରହ୍ମପୁରା ରାସ୍ତାକଡରେ ପ୍ରାୟ ୫ କ୍ରଶର ଅନୁରୂପ ଭାବେ ରହିଛି। କ୍ରଶରଗୁଡିକ ଆଇନତଃ ହେଉ ଅଥବା ବେଆଇନ ଭାବେ ହେଉ ଏଗୁଡିକର ଧୂଳିକଣାରେ ସାଧାରଣ ଲୋକ ରୋଗର ଶିକାର ହେଉଛନ୍ତି। ସମ୍ପୃକ୍ତ ରାସ୍ତା ଦେଇ ଯିବାବେଳେ ପ୍ୟାଣ୍ଟ, ଶାର୍ଟ ଓ ଦେହ ଉପରେ ଏକ ଧୂଳିର ଆସ୍ତରଣ ବସିଯାଉଛି। ଏହାର ପ୍ରତିକାର ପାଇଁ ଦାବି ହେଉଥିଲେ ହେଁ ଏହା ଶୀତଳଭଣ୍ଡାରରେ ରହିଯାଉଛି ବୋଲି ଅଭିଯୋଗ ରହିଛି।

ଜିଲାର ବିଭିନ୍ନ ପାହାଡ ଓ ଜଙ୍ଗଲିଆ ଅଞ୍ଚଳରେ ପଥର ଚୋରମାନେ କମ୍ପ୍ରେସର ସାହାଯ୍ୟରେ ଗ୍ରାନାଇଟ ପଥର ମୁଣ୍ଡିଆରୁ ପଥର ବ୍ଲାଷ୍ଟିଂ ପାଇଁ ଡିଟୋନେଟର, ଜିଲୋଟିନ, ଆମୋନିୟମ ନାଇଟ୍ରେଟ୍ ଭଳି ବିସ୍ଫୋରକ ପଦାର୍ଥ ବ୍ୟବହାର କରୁଛନ୍ତି। ଏପରିସ୍ଥଳେ ଖୋର୍ଦ୍ଧା ଜିଲାରେ ବିସ୍ଫୋରକର ଅପବ୍ୟବହାର ସାଙ୍ଗକୁ ବେଆଇନ କାରବାର ବୃଦ୍ଧି ପାଇବାରେ ଲାଗିଛି। ବିସ୍ଫୋରକ ମହଜୁଦ ଓ ବିକ୍ରୟ ଲାଗି ଦୁଇ ପ୍ରକାର ୨୧/୨୨ ଲାଇସେନ୍ସ ବ୍ୟବସ୍ଥା ରହିଛି। ଖୋର୍ଦ୍ଧା ଜିଲାରେ ୩ ଜଣଙ୍କୁ ବିସ୍ଫୋରକ ପାଇଁ ଲାଇସେନ୍ସ ମିଳିଛି। କିନ୍ତୁ ଏବେ ଗାଁ ଗାଁରେ ଚୋରାରେ ଏହି ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ରହୁଛି। ଆବଶ୍ୟକତାଠାରୁ ଅଧିକ ପୁଣି ଗଚ୍ଛିତ ରହୁଛି। ତାହା ପୁଣି ବିପଦସଙ୍କୁଳ ଭାବେ ରଖାଯାଉଥିବାର ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଦିନରାତି ମୁଣ୍ଡିଆଗୁଡିକରେ ବିସ୍ଫୋରକ ବ୍ୟବହାର ପଦାର୍ଥ ବ୍ଲାଷ୍ଟିଂ କରାଯାଉଛି। ଏସ୍‌ଟିଏଫ୍‌ର ଚଢ଼ାଉ ପରେ ବେଆଇନ ଖଣି ବନ୍ଦ ରହିଥିଲା। ପରେ ସରକାରୀ ସ୍ୱୀକୃତିପ୍ରାପ୍ତ ଖଣି ବି ଦିନରାତି ପଥର ବ୍ଲାଷ୍ଟିଂ କରିବାର ଅଭିଯୋଗ ରହିଛି। ବ୍ଲାଷ୍ଟିଂ ଯୋଗୁଁ ପରିବେଶ ପ୍ରଦୂଷିତ ହେଉଛି। ଗ୍ରାନାଇଟ ପଥରକୁ ଆଖି ଆଗରେ ରଖି ଖୋର୍ଦ୍ଧା ଜିଲାରେ ଗଢି ଉଠିଛି ଷ୍ଟୋନ କ୍ରଶର ଶିଳ୍ପ। ସରକାରୀ ସ୍ତରରେ ୩୫୬ କ୍ରଶର ପରିବେଶ ମଞ୍ଜୁରୀ ପାଇଥିବାବେଳେ ରାଜନୈତିକ ପ୍ରୋତ୍ସାହନ ଓ ପ୍ରଶାସନିକ ଆଶୀର୍ବାଦରୁ ଜିଲାରେ ୫୪୪ରୁ ଊର୍ଦ୍ଧ୍ୱ ବେଆଇନ କ୍ରଶର ଗଢ଼ି ଉଠିଥିବା ଅଭିଯୋଗ ରହିଛି। କ୍ରଶର ବେଆଇନ ଭାବେ ଚାଲୁ ଅଥବା ପଞ୍ଜୀକୃତ ହୋଇଥାଉ, କେହି ବି ସାଇଟିଂ ନିୟମକୁ ମାନୁନାହାନ୍ତି। ଏହି ବେଆଇନ କାର୍ଯ୍ୟ ନେଇ ଜିଲା ପ୍ରଶାସନ ଓ ପ୍ରଦୂଷଣ ବୋର୍ଡ ଜାଣି ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି। ନୀରବତା ପଛରେ ହାତଗୁଞ୍ଜା କାରବାର ରହିଥିବାର ଅଭିଯୋଗ ହୋଇ ଆସୁଛି। କେବଳ ଅଦାଲତଙ୍କ ନିର୍ଦ୍ଦେଶ ମିଳିଲେ ଆଖିଦୃଶିଆ ଚଢାଉ କରାଯାଇ କାର୍ଯ୍ୟ ଶେଷ କରାଯାଉଛି।

# ଏମାର ମଠ ପାଚେରି ଭୁଶୁଡ଼ିଲା



ପୁରୀ ଅଫିସ,୨୫।୭

ପୁଣି ଭୁଶୁଡ଼ିଲା ଏମାର ମଠ ପାଚେରି। ପୁରୀର ଅନ୍ୟତମ ଏହି ପୁରୁଣା ମଠର ପାଚେରି ଗୁରୁବାର ହୋଇଥିବା ବର୍ଷାରେ ପ୍ରାୟ ୪ଫୁଟ ଭୁଶୁଡ଼ି ପଡ଼ିଛି। ସିଂହଦ୍ୱାର ସମ୍ମୁଖ ଦୋଳମଣ୍ଡପ ସାହି ପ୍ରବେଶ ପଥରୁ ଅଳ୍ପ କିଛି ବାଟ ଆଗକୁ ଗଲେ ଡାହାଣ ପଟକୁ ମାଟିମଣ୍ଡପ ସାହିକୁ ଏକ ଗଳି ରାସ୍ତା ଯାଇଛି। ଗୁରୁବାର ରାତିରେ ଏହି ଗଳି ରାସ୍ତା ପାର୍ଶ୍ୱକୁ ମଠର ପାଚେରି ଭୁଶୁଡ଼ି ପଡ଼ିଥିଲା। ଏଥିଯୋଗୁ ରାସ୍ତାରେ ଇଟା ଗଦା ହୋଇରହିଛି। ପୂର୍ବରୁ ଏକାଧିକ ଥର ଏହି ମଠର ପାଚେରି ଭୁଶୁଡ଼ିଥିଲା। କିଛିଦିନ ତଳେ ପ୍ରଶାସନ ପକ୍ଷରୁ ମଠର ଖାଲି ଜାଗାରେ ପାର୍କିଂ ଲାଗି ଜାଗା ସମତୁଲ କରାଯିବାକୁ ନେଇ ଏହି ମଠ ଚର୍ଚ୍ଚାକୁ ଆସିଥିଲା।

## ସଂକ୍ଷେପରେ

### ନିଖିଳ ଉତ୍କଳ ବୈଦିକ ବ୍ରାହ୍ମଣ ପରିଷଦ ବୈଠକ



ଯାଁଳା,୨୫।୭(ଡି.ଏନ.ଏ.): ନିଖିଳ ଉତ୍କଳ ବୈଦିକ ବ୍ରାହ୍ମଣ ପରିଷଦର ଖୋର୍ଦ୍ଧା ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ମୁଣ୍ଡମୁହାଣ, ଗଙ୍ଗପଡ଼ା, ପଳାସପୁର, ଛତାବର, ମହୁଲ, ମେଣ୍ଢାଶାଳ, ଚନ୍ଦକା, ଦାରୁଠେଙ୍ଗ, ନିରଞ୍ଜନପୁର ଆଦି ବିଭିନ୍ନ ଗ୍ରାମରୁ ଅନେକ ବ୍ରାହ୍ମଣ, ପଣ୍ଡିତମାନେ ଯୋଗ ଦେଇଥିଲେ। ଏଥିରେ ଉପସ୍ଥିତ ପ୍ରତିଷ୍ଠାତା ସଦସ୍ୟ ମାନସ ରଞ୍ଜନ ଦାଶ ପରିଷଦକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଉଲ୍ଲାସ ଚନ୍ଦ୍ର ମିଶ୍ର, ଉପସଭାପତି ସନ୍ତୋଷ କୁମାର ଦାଶ, ସମ୍ପାଦକ ଅମୂଲ୍ୟ କୁମାର ଦାଶ, ସହସମ୍ପାଦକ ପ୍ରଭାକର ମିଶ୍ର ଓ କୋଷାଧ୍ୟକ୍ଷ ଭାବେ ପ୍ରଭଞ୍ଜନ ମହାପାତ୍ର ମନୋନୀତ ହୋଇଥିଲେ।

### ମୋବାଇଲ ଚୋରି, ୪ ଗିରଫ

ବାରଙ୍ଗ,୨୫।୭(ଡି.ଏନ୍‌.ଏ.): ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ବାରଙ୍ଗ ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ କଟକ ଜଗତପୁରର ଭାଗ୍ୟଧର ଆଚାର୍ଯ୍ୟ, କଟକ ହରିପୁର ଅଞ୍ଚଳର ଦୀପକ ମୁଦୁଲି, କଟକ କଲେଜ ଛକ ଅଞ୍ଚଳର ରଜି ପରିଡା, କେନ୍ଦୁଝରର କାଳିମାଟିର ରାଜୁ ମୁଣ୍ଡା। ଏମାନଙ୍କଠାରୁ ୭ଟି ମୋବାଇଲ ଫୋନ ଜବତ ହୋଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ବୁଧବାର ରାତିରେ ତ୍ରିଶୁଳିଆ ବଜାରରେ ମୋବାଇଲ ଫୋନ ବିକ୍ରି କରିବା ପାଇଁ ଦୋକାନୀଙ୍କ ସହ କଥା ହେଉଥିବା ବାରଙ୍ଗ ଥାନା ଅଧିକାରୀ ଶଶିକାନ୍ତ ରାଉତ ସୂଚନା ପାଇଥିଲେ। ଖବରପାଇ ବାରଙ୍ଗ ଥାନାର ପାଟ୍ରୋଲିଂ ପୋଲିସ ତ୍ରିଶୁଳିଆ ବଜାରରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିବା ସହ ୭ଟି ମୋବାଇଲ ଫୋନର କାଗଜପତ୍ର ମାଗିଥିଲେ। ଅଭିଯୁକ୍ତମାନେ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ଏହା ପରେ ମୋବାଇଲ ଫୋନଗୁଡିକ ଚୋରି କରାଯାଇଥିବା ସେମାନେ ମାନିଥିବା ପୋଲିସ କହିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୨୦/୧୯)ରୁଜୁ ହୋଇଛି।

### ୫ ଦଫା ଦାବିରେ ଆଇସିଟି ସଂଘର ଆନ୍ଦୋଳନ

ଭୁବନେଶ୍ୱର, ୨୫।୭(ବ୍ୟୁରୋ): ଓଡ଼ିଶା ଆଇସିଟି ବିଦ୍ୟାଳୟ ସଂଯୋଜକ ସଂଘ ଗୁରୁବାର ୫ ଦଫା ଦାବି ନେଇ ଲୋୟର ପିଏମଜିଠାରେ ଆନ୍ଦୋଳନ କରିଥିଲେ। ସରକାରୀ ଶିକ୍ଷକ ମାନ୍ୟତା ସହ ସ୍ଥାୟୀ ନିଯୁକ୍ତି, ସଂଯୋଜକ ପରିବର୍ତ୍ତେ କମ୍ପ୍ୟୁଟର ଶିକ୍ଷକର ମାନ୍ୟତା, ଆଇସିଟିଇ-ବିଦ୍ୟାଳୟ ପ୍ରକଳ୍ପକୁ ଘରୋଇକରଣ ନ କରି ସରକାରଙ୍କ ଅଧିନକୁ ଆଣିବା, ସମସ୍ତ ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ବାଧ୍ୟତାମୂଳକ ସହ ସେମାନଙ୍କ ଲାଗି ସରକାରୀ ନିର୍ଦ୍ଦେଶ ପ୍ରକାଶ କରାଯାଉ ବୋଲି ଦାବି ରଖିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ୧ ତାରିଖଠାରୁ ଏହି ସଂଯୋଜକମାନଙ୍କ ୫ ବର୍ଷିଆ ଅବଧି ପୂରିଯାଇଛି। ଠିକା ନେଇଥିବା ସଂସ୍ଥା ଗତ ଏପ୍ରିଲ ପହିଲାରୁ ଏମାନଙ୍କୁ ଚାକିରିରୁ ଛଟେଇ କରିସାରିଛି। ସଂଘ ସଭାପତି ସୌମ୍ୟ ରଞ୍ଜନ ମଲ୍ଲିକ କହିଛନ୍ତି ଯେ, ଦାବି ସମ୍ପର୍କରେ ଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା କିନ୍ତୁ ସେ କିଛି କରିପାରିବେନି ବୋଲି ସ୍ପଷ୍ଟ ଜଣାଇଛନ୍ତି। ତା'ସହ ସଂଯୋଜକ ସଂଘ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଅଭିଯୋଗ ଜଣାଇଥିଲେ ବି କୌଣସି ଉତ୍ତର ଆସି ନ ଥିବା କଥା ସଭାପତି ମଲ୍ଲିକ କହିଛନ୍ତି। ୪ ହଜାର ଆଇସିଟି ସଂଯୋଜକ ଏପ୍ରିଲ ମାସଠାରୁ ଚାକିରି ହରେଇଛନ୍ତି।




ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଅର୍ଥନୀତି ବିଭାଗର ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# ବିଜିୟୁ ଅର୍ଥନୀତି ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୫।୭

ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ)ର ସ୍କୁଲ ଅଫ୍ ସୋସିଆଲ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍ ପକ୍ଷରୁ ଅର୍ଥନୀତି ବିଭାଗରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ନାତକୋତ୍ତର ତୃତୀୟ ଏବଂ ସ୍ନାତକ ଅର୍ଥଶାସ୍ତ୍ରର ଦ୍ୱିତୀୟ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ସ୍ୱାଗତ କାର୍ଯ୍ୟକ୍ରମ ଗୋଠପାଟଣାସ୍ଥିତ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ପରିଷଦ ପୂର୍ବତନ ସଦସ୍ୟ ସଞ୍ଜୀବ ଚନ୍ଦ୍ର ହୋତା, ପ୍ରାଇସ୍ ୱାଟର ହାଉସ୍ କର୍ପସ ମୁମ୍ବାଇର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହିମାଂଶୁ ମହାନ୍ତି, ପାରାଡାଇମ୍ କନ୍‌ସଲଟାଣ୍ଟ ଓ ରିସୋର୍ସ ମ୍ୟାନେଜମେଣ୍ଟ ପ୍ରାଇଭେଟ ଲିମିଟେଡ ସିଇଓ ପରାଗ ଦିୱାନ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜୀବନରେ ଶୃଙ୍ଖଳାର ଆବଶ୍ୟକତା ଏବଂ ଅର୍ଥଶାସ୍ତ୍ର ଗୁରୁତ୍ୱ ଉପରେ ହୋତା ଗୁରୁତ୍ୱାରୋପ କରିଥିଲେ। ବ୍ୟକ୍ତିଗତ ଦକ୍ଷତା ବୃଦ୍ଧି ଆତ୍ମବିଶ୍ୱାସ ଉପରେ ଧ୍ୟାନ ଦେବା ଜରୁରୀ ବୋଲି ବିଜିୟୁ କୁଳପତି ସୁଧାକର ପଣ୍ଡା ମତ ରଖିଥିଲେ। ସର୍ବୋତ୍ତମ ଶିକ୍ଷା ପ୍ରଦାନ ଦିଗରେ ବିଜିୟୁ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖୁଥିବା ରେଜିଷ୍ଟ୍ରାର ବି.କେ. ଦାସ କହିଛନ୍ତି। ବିଜିୟୁ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଡିନ୍ ପରମେଶ୍ୱର ନାୟକ, ପ୍ରଫେସର ଅଜିତ ଦାସ ଏବଂ ଡ. ସେବା ମହାନ୍ତି ଏହି ଅବସରରେ ଉପସ୍ଥିତ ଥିଲେ।

# ୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୫।୭(ବ୍ୟୁରୋ): ବ୍ରାଉନ୍‌ସୁଗାର ବ୍ୟବସାୟ କରୁଥିବା ଜଣେ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରିଛି। ସେ ହେଲେ ପାତ୍ରସାହି ରେଲୱେ କଲୋନୀ ଅଞ୍ଚଳର ମୃତ୍ୟୁଞ୍ଜୟ ବସନ୍ତିଆ। ମୃତ୍ୟୁଞ୍ଜୟ ବିଭିନ୍ନସ୍ଥାନରେ ବୁଲି ବ୍ରାଉନସୁଗାର ବ୍ୟବସାୟ କରୁଥିଲେ। ପ୍ୟାଣ୍ଟ ପକେଟରେ ବ୍ରାଉନସୁଗାର ରଖିବା ସହ ବଡ ଚତୁରତାର ସହ ଲୋକ ଦେଖି କାରବାର କରୁଥିଲେ। ବିଶେଷସୂତ୍ରରୁ ଖବରପାଇ ପୋଲିସ ଗୁରୁବାର ଚଢାଉ କରି ତାଙ୍କ ନିକଟରୁ ୧୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ଅଭିଯୁକ୍ତ ବସନ୍ତିଆଙ୍କୁ ଗିରଫ କରିଛି।

# ମନ୍ଦିର ନିକଟରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୨୫।୭(ବ୍ୟୁରୋ)/ ପାତ୍ରପଡ଼ା (ଡି.ଏନ୍‌.ଏ.)

- ହତ୍ୟାକରି ଫିଙ୍ଗି ଦିଆଯାଇଥିବା ସନ୍ଦେହ
- ମୃତଦେହ ନିକଟରୁ ମିଳିଛି ନିଶା ଔଷଧ

ଖଣ୍ଡଗିରି ଥାନାଠାରୁ ମାତ୍ର ଦୁଇଶହ ମିଟର ଦୂର ଜାତୀୟ ରାଜପଥ ପାର୍ଶ୍ୱ ଉଦୟଗିରି ପାହାଡ଼ ପାଦଦେଶରେ ଥିବା ହନୁମାନ ମନ୍ଦିର ନିକଟରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ପୋଲିସ ଗୁରୁବାର ଉଦ୍ଧାର କରିଛି। ତାଙ୍କୁ କେହି ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ତାଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ପାଖାପାଖି ୩୫ରୁ ୪୦ ହେବ ଓ ୫ଦିନ ତଳୁ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି। ମୃତ ଯୁବକ ଜଣକ ଏକ ନୀଳରଙ୍ଗର ଜିନ୍ସ ପ୍ୟାଣ୍ଟ ପିନ୍ଧିଥିବାବେଳେ ଧଳାରଙ୍ଗର ହାଫ୍ ଗଞ୍ଜି ପିନ୍ଧିଥିଲେ। ମୃତଦେହଟି ପଚିଶଢ଼ି ଦୁର୍ଗନ୍ଧ ହେବା ସହ ପୋକ ସାଲୁବାଲୁ ହେଉଥିବା ଦେଖିବାକୁ ମିଳିଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୦୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କ୍ୟାପିଟାଲ ହସ୍ପିଟାଲରେ ମୃତଦେହକୁ ବ୍ୟବଚ୍ଛେଦ ପରେ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଯଦି କେହି ପରିବାର ସଦସ୍ୟ ନ ଆସନ୍ତି ତେବେ ୭୨ ଘଣ୍ଟା ପରେ ପୋଲିସ ନିଜେ ଶବଦାହ କରିବ ବୋଲି କହିଛି।

ପୋଲିସ ସୂଚନା ଅନୁଯାୟୀ, ନିକଟରେ ଥିବା ସର୍ଭେ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟର ଜଣେ ସିକ୍ୟୁରିଟି ଗାର୍ଡ ସକାଳେ ପରିସ୍ରା କରିବାକୁ ଯାଇଥିବାବେଳେ ମୃତଦେହ ପଡିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏଥିସହ ନିକଟରେ ପଡ଼ିଥିବା ଏକ ସ୍ପିରିଟ୍ ଓ ନିଶା ଔଷଧକୁ ଜବତ କରିଥିଲା। ଯୁବକଙ୍କୁ କେହି ସେଠାକୁ ଡାକି ଅତ୍ୟଧିକ ନିଶାପିଆଇବା ପରେ ହତ୍ୟା କରିଥିବା ଲୋକେ କହୁଛନ୍ତି। ଖଣ୍ଡଗିରି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି ଯେ, ହତ୍ୟାର ପ୍ରମାଣ ମିଳିନାହିଁ। ଯୁବକଙ୍କ ପରିଚୟ ପାଇବା ପାଇଁ ବିଭିନ୍ନ ଥାନାକୁ ସୂଚନା ପଠାଇ ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।




ଭୁବନେଶ୍ୱର ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି।

# ଡ୍ରେନ୍ ସଫେଇକୁ ପଦାରେ ପକାଇଲା ବର୍ଷା



ଜଳାର୍ଣ୍ଣବ ବଡ଼ଦାଣ୍ଡ

ପୁରୀ ଅଫିସ, ୨୫।୭

ରଥଯାତ୍ରା ପୂର୍ବରୁ ଜିଲା ପ୍ରଶାସନ ଡ୍ରେନ୍ ସଫେଇକୁ ଏକପ୍ରକାର ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲା। ଖୋଦ୍ ଜିଲାପାଳ ଏହି ଦାୟିତ୍ୱ ନିଜ କାନ୍ଧକୁ ନେଇ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ବାହାର ଜିଲାରୁ ସଫେଇ କର୍ମଚାରୀଙ୍କୁ ଅଣାଯାଇ ସହରର ବିଭିନ୍ନ ଡ୍ରେନ୍ ସଫା କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନଙ୍କୁ ଏହାର ତଦାରଖ ଦାୟିତ୍ୱ ଦିଆଯାଇଥିଲା। ରଥଯାତ୍ରା ପୂର୍ବରୁ ସହରର ସବୁ ଛୋଟ ବଡ ଡ୍ରେନ୍ ସଫା କରାଯାଇଥିବା କୁହାଗଲା। ହେଲେ ଗୁରୁବାର ହୋଇଥିବା ବର୍ଷା ଡ୍ରେନ୍ ସଫେଇର ବାସ୍ତବତାକୁ ପଦାରେ ପକାଇଛି। ବଡ଼ଦାଣ୍ଡଠୁ ଆରମ୍ଭ କରି ବେଳାଭୂମି ରାସ୍ତା ସବୁଠି ବର୍ଷାପାଣି ଜମିଛି।

## ବଡ଼ଦାଣ୍ଡ, ବେଳାଭୂମି ରାସ୍ତାରେ ଜମିଲା ପାଣି

ଭୋରୁ ବର୍ଷା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୧ଟାରୁ ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ସବୁ ରାସ୍ତାଘାଟ ଜଳମଗ୍ନ ହୋଇଯାଇଥିଲା। ବିଶେଷକରି ବଡଦାଣ୍ଡର ସ୍ଥିତି ଅଧିକ ସଙ୍ଗିନ ହୋଇପଡ଼ିଥିଲା। ବର୍ଷା ପାଣି ସହ ଡ୍ରେନ୍ ପାଣି ମିଶି ରାସ୍ତାରେ ସୁଅ ଛୁଟିଥିଲା। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଜମା ହୋଇ ରହିଥିବା ଆବର୍ଜନା ରାସ୍ତାସାରା ଭାସିଥିଲା। କେତେକ ସ୍ଥାନରେ ଡ୍ରେନ୍ ଚୋକ୍ ହୋଇଯିବାରୁ ନଳାପାଣି ଉଦ୍‌ବୃତ୍ତ ହୋଇଥିଲା। ମେଡିକାଲ ଛକରେ ପ୍ରାୟ ଦେଢ ଫୁଟ ଉଚ୍ଚର ପାଣି ଜମିଯାଇଥିଲା। ସେହିପରି ଶରଧାବାଲିରେ ବର୍ଷା ପାଣିର ସୁଅ ଦେଖିବାକୁ ମିଳିଥିଲା। କେବଳ ବଡଦାଣ୍ଡ ନୁହେଁ, ସହରର ପ୍ରାୟ ଅଧିକାଂଶ ରାସ୍ତାରେ ପାଣି ଜମିରହିଥିଲା।



ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଜମି ରହିଥିବା ବର୍ଷାଜଳ।



ନଦୀର ଭ୍ରମ ସୃଷ୍ଟି କରୁଥିବା ବେଳାଭୂମି ରାସ୍ତା।



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ ।
-ବ୍ୟାସଦେବ

## ସଂକ୍ଷେପରେ

### ଗୋରୁ ବୋଝେଇ ଗାଡ଼ି ଓଲଟିଲା



**ଫୁଲନଖରା,୨୫।୭(ଡି.ଏନ୍.ଏ.):** କଟକ-ଭୁବନେଶ୍ୱର ଜାତୀୟ ରାଜପଥର ଗୋପାଳପୁର ପୁରୁଣା ଟୋଲଗେଟ ନିକଟରେ ଗୁରୁବାର ଏକ ଗୋରୁ ବୋଝେଇ ଗାଡି(ଓଡି ୦୫ଏପି ୮୭୩୮) ଓଲଟି ପଡିଥିଲା। ଖବରପାଇ ଫୁଲନଖରା ଟ୍ରାଫିକ ଥାନା କର୍ମଚାରୀ ପହଞ୍ଚି ଗାଡିକୁ ଜବତ କରି କଟକ ସଦର ପୋଲିସ ଜିମା ଦେଇଥିଲେ। ଗାଡି ଓଲଟି ପଡିବାରୁ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ଏହି ଗାଡିକୁ ସାଦା ପୋଷାକରେ ଜଣେ ପୋଲିସ କର୍ମଚାରୀ ପିଛା କରିଥିଲା। ଫଳରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡି ରାସ୍ତା ଉପରେ ଓଲଟି ପଡିଥିଲା। ଗାଡିରେ ଥିବା ଗୋରୁଙ୍କୁ କାଢି ଛାଡି ଦେଇଥିବା ସ୍ଥାନୀୟ ଲୋକ କହିଛନ୍ତି। ଗୋରୁ ବୋଝେଇ ଗାଡି କେଉଁଠାରୁ ଆସୁଥିଲା ଡ୍ରାଇଭର ଧରାପଡିଲେ ତାଙ୍କ ପାଖରୁ ଠିକ୍ ତଥ୍ୟ ମିଳିପାରିବ ବୋଲି ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

### ସିଡିଏ ଅଞ୍ଚଳ ପରିଦର୍ଶନ କଲେ ଜିଲାପାଳ

**କଟକ ଅଫିସ,୨୫।୭:** ଗୋପଦ ଅଭିଯାନରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ ଗୁରୁବାର ସିଡିଏ ସେକ୍ଟର ୬ସ୍ଥିତ ରୋଟାରୀ ହସ୍ପିଟାଲଠାରୁ ୱିଣ୍ଡସର ପ୍ୟାଲେସ ପର୍ଯ୍ୟନ୍ତ ପରିଦର୍ଶନ କରିଥିଲେ। ଏହି ସମୟରେ ସାଧାରଣ ଲୋକଙ୍କ ସହ ସେମାନେ ବିଭିନ୍ନ ଆଲୋଚନା କରିଥିଲେ। ୱିଣ୍ଡସର ପ୍ୟାଲେସ ପାଖରେ ଅସ୍ଥାୟୀ ଭାବେ ବାସ କରୁଥିବା ପରିବାରକୁ ହଟାଇବା ଓ ରୋଟାରୀ ହସ୍ପିଟାଲ ପାଖରେ ଥିବା ଦୋକାନୀମାନଙ୍କୁ ୭ଦିନ ଭିତରେ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ସ୍ଥାନୀୟ ଟ୍ୟାକ୍ସି ବାରର ଆଇନଜୀବୀଙ୍କ ସହିତ ସେଠାରେ ହେବାକୁ ଥିବା ଭେଣ୍ଡିଂଜୋନ ବିଷୟରେ ଆଲୋଚନା କରିଥିଲେ। ଏଥିସହ ପେଟାନାଳ ସଫେଇ, ଜାଇକାର ରାସ୍ତା ମରାମତି କାର୍ଯ୍ୟ ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଆରମ୍ଭ ଓ ଶେଷ ତାରିଖ ସୂଚନା ଫଳକରେ ଦର୍ଶାଇବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ତାଗିଦ କରାଯାଇଥିଲା।

# ନନ୍ଦନକାନନରେ ହେବ ମଇଳାପାଣି ବିଶୋଧନ ପ୍ରକଳ୍ପ

**ବାରଙ୍ଗ, ୨୫।୭(ଡି.ଏନ୍.ଏ.)**

ରାଜ୍ୟର ଏକମାତ୍ର ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପରିସରକୁ କର୍ତ୍ତୃପକ୍ଷ ପ୍ରଦୂଷଣମୁକ୍ତ ରଖିବାପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ନନ୍ଦନକାନନରୁ ପ୍ରତିଦିନ ବାହାରୁଥିବା ମଇଳାପାଣିକୁ ବିଶୋଧନ କରିବା ପାଇଁ ୫ଟି ପ୍ରକଳ୍ପ ଆରମ୍ଭ ହେବ। ଫଳରେ ବିଭିନ୍ନ ଏନ୍‌କ୍ଲୋଜରରୁ ବାହାରୁଥିବା ମଇଳାପାଣି ଓ ନର୍ଦ୍ଦମାପାଣିକୁ ବିଶୋଧନ କରାଯାଇ ପୁଣି ତାକୁ ବ୍ୟବହାର ଉପଯୋଗୀ କରାଯିବ। ଏଥିପାଇଁ କର୍ତ୍ତୃପକ୍ଷ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜାଗା ଚିହ୍ନଟ ସରିଥିବାବେଳେ ଟେଣ୍ଡର ପ୍ରକ୍ରିୟାକୁ ଅପେକ୍ଷା।

୧କୋଟି ବ୍ୟୟବରାଦରେ ୫ଟି ପ୍ରକଳ୍ପ ଶରୀସୃପଉଦ୍ୟାନ, ଜଳଚର ବିହଙ୍ଗସରଣୀ, ଡାକ୍ତରଖାନା, ହାତୀସଫାରୀ ଓ ଲେବରକଲୋନୀ ପାଖରେ କରାଯିବ। ଶରୀସୃପ ଉଦ୍ୟାନ ଓ ଜଳଚର ବିହଙ୍ଗସରଣୀରେ ଥିବା ଜୀବଜନ୍ତୁଙ୍କ ଏନ୍‌କ୍ଲୋଜରରୁ ବାହାରୁଥିବା ମଇଳାପାଣି ଯାଇ କାଞ୍ଜିଆ ହ୍ରଦରେ ମିଶୁଥିଲା। ସେହିଭଳିଭାବେ ଡାକ୍ତରଖାନା, ହାତୀସଫାରୀ ଓ ଲେବରକଲୋନୀର ମଇଳା ଓ ନର୍ଦ୍ଦମା ପାଣି ସବୁ ଯାଇ ବଡବାଙ୍କରେ ପଡୁଥିଲା। ଏହି ମଇଳା ଓ ଅପରିଷ୍କାର ପାଣି ସବୁ ଗୋଟିଏ ଏନକ୍ଲୋଜରରୁ ବାହାରି ଯାଉଥିବାବେଳେ ବାଟରେ ଥିବା ବିଭିନ୍ନ ଏନକ୍ଲୋଜର ଦେଇ ଗତି କରୁଥିଲା। ଫଳରେ ପଶୁପକ୍ଷୀମାନଙ୍କ ଉପରେ ଏହାର ପ୍ରଭାବ ପଡୁଥିଲା। ଏହି ପ୍ରଦୁଷିତ ଜଳ କାଞ୍ଜିଆରେ ମିଶିବାଦ୍ୱାରା କାଞ୍ଜିଆ ପ୍ରଦୂଷିତ ହେଉଥିଲା। କାଞ୍ଜିଆ କର୍ତ୍ତୃପକ୍ଷ ବିଶୋଧନ କରି କେତେକ ଏନ୍‌କ୍ଲୋଜରରେ ଥିବା ପଶୁପକ୍ଷୀଙ୍କୁ ଯୋଗାଉଛନ୍ତି। ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ କାଞ୍ଜିଆର ସୁଦ୍ଧତା ବଜାୟ ରହିବ। ଏହା ସହ ପ୍ରଦୂଷିତ ପାଣି ପରିଷ୍କାର ହୋଇ ପୁଣି ବ୍ୟବହାର ଉପଯୋଗୀ ହୋଇପାରିବ।

ମଇଳାପାଣି ପରେ ମାଂସାଶୀ ପ୍ରାଣୀମାନଙ୍କ ପାଇଁ ଆସୁଥିବା ମଇଁଶି ମାଂସ ପ୍ରଦୂଷଣର ଅନ୍ୟଏକ କାରଣ। ପରିସରରେ ଥିବା ସ୍ଲଟରହାଉସରେ ଠିକାଦାର ଆଣୁଥିବା ମାଂଇଶୀମାନଙ୍କୁ





■୬୦ଲକ୍ଷ ବ୍ୟୟରେ ୨ଡିଜେଲ ଚୁଲା
■ପରିଷ୍କାର ହେବ କାଞ୍ଜିଆ ହ୍ରଦ

ମାରିଦେବାପରେ ସେମାନଙ୍କ ହାଡ, ଅନ୍ତବୁଜୁଳା, ପୁଟା ଭଳି ଅଦରକାରୀ ଜିନିଷସବୁ ସ୍ଲଟର ହାଉସଠାରୁ ଅଳ୍ପଦୂରରେ ପଡୁଛି। ସେହିଭଳିଭାବେ ମାଂସାସୀ ପ୍ରାଣୀଙ୍କୁ ଦିଆଯାଉଥିବା ମାଂସ ଗୁଡିକରୁ ବଞ୍ଚୁଥିବା ବଳକା ଖାଦ୍ୟ ସବୁକୁ ଗୋଟେ ଜାଗାରେ ଏକାଠିକରି ରଖିବାଦ୍ୱାରା ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ମୃତ୍ୟୁବରଣ କରୁଥିବା ପଶୁପକ୍ଷୀଙ୍କୁ କାଠ ସାହାଯ୍ୟରେ ପୋଡାଯାଉଥିଲେ ମଧ ବଳକା ଓ ଅଦରକାରୀ ସାମଗ୍ରୀଗୁଡିକ ଗଚ୍ଛିତ ରହିବାଦ୍ୱାରା ପରିବେଶ ଉପରେ ଏହାର ପ୍ରଭାବ ପଡୁଛି। ତେଣୁ ଏହାକୁ ପ୍ରତିହତ କରିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଡିଜେଲଚୂଲା ବ୍ୟବହାର କରିବାକୁ ଯାଉଛନ୍ତି। ପ୍ରାୟ୬୦ଲକ୍ଷ ଟଙ୍କା ବ୍ୟୟରେ ୨ଟି ଚୁଲା ହେବ। ବଡ ଚୂଲାଟି ସ୍ଲଟରହାଉସ ପାଖରେ ବସିବା ସହ ଛୋଟ ଚୂଲାଟି ୧୦ନଂ ଫାଟକ ପାଖରେ ବସିବାକୁ ସିଦ୍ଧାନ୍ତ ହୋଇଛି। ମୃତ୍ୟୁବରଣ କରୁଥିବା ପଶୁପକ୍ଷୀଙ୍କୁ ଏହି ଡିଜେଲଚୂଲା ମାଧ୍ୟମରେ ଦାହ କରିବାସହ ବଳକା ରହୁଥିବା ହାଡ, ଅନ୍ତବୁଜୁଳା, ପୁଟା ଆଦିକୁ ଏହି ଚୁଲାଦ୍ୱାରା ପୋଡାଯିବ। ଏ ସମ୍ପର୍କରେ ନନ୍ଦନକାନନ ପର୍ଯ୍ୟଟକ ଦାୟିତ୍ୱରେ ଥିବା ଏସିଏଫ ଅମୁଲ୍ୟ କୁମାର ପରିଡାଙ୍କୁ ପଚାରିବାରୁ ନନ୍ଦନକନାନର ପରିବେଶ ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ସବୁବେଳେ ଉଦ୍ୟମ କରୁଛନ୍ତି। ଏହି ଦୁଇଟି ଯୋଜନା ଖୁବ୍ ଶୀଘ୍ର ନନ୍ଦନକାନନରେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି କାମ ପାଇଁ ଟେଣ୍ଡର ପକ୍ରିୟା ସରିଛି। ଏହାଦ୍ୱାରା ଚିରଶ୍ରୋତା କାଞ୍ଜିଆ ହ୍ରଦର ଜଳରାଶି ନିର୍ମଳ ରହିବା ସହ ପଶୁପକ୍ଷୀମାନଙ୍କ ଉପରେ ପ୍ରଭାବଶୂନ୍ୟ ରହିବ। ଅନ୍ୟପଟେ ମାଂସାସୀ ପ୍ରାଣୀମାନଙ୍କର ବଳକା ଖାଦ୍ୟକୁ ମଧ ପୋଡିଦିଆଯିବ। ନନ୍ଦନକାନନ ପକ୍ଷରୁ ବଞ୍ଚୁଥିବା ହାଡଗୁଡିକୁ ବର୍ଷକୁ ପ୍ରାୟ୨ଥର ନିଲାମ କରାଯାଉଛି। ହେଲେ ସେଗୁଡିକୁ ଏବେ ପୋଡାଯିବାଦ୍ୱାରା ଦୁର୍ଗନ୍ଧମୟ ବାତାବରଣରୁ ମୁକ୍ତିମିଳିବ। ଏଥିସହ ସହ ପରିବେଶ ସୁରକ୍ଷାରେ ଏହା ସହାୟକ ହେବ ବୋଲି ସେ କହିଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଣ୍ଟାପଡା,୨୫।୭(ଡି.ଏନ୍.ଏ.)**

କଣ୍ଟାପଡା ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ଓଲଟପୁର ପୋଲିସ ଗୁରୁବାର ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ଲିପା ବେହେରାଙ୍କ ସ୍ତ୍ରୀ ଝରଣା ବେହେରା। କଟକ ବିଡାନାସୀ ଅଞ୍ଚଳର ଝରଣାଙ୍କୁ କିଛିବର୍ଷ ତଳେ ଲିପା ବେହେରା ପ୍ରେମ ବିବାହ କରିଥିଲେ। କୌଣସି କାରଣରୁ ଲିପାଙ୍କ ପରିବାର ଲୋକ ତାଙ୍କୁ ଘରେ ପୂରାଇ ନ ଦେବାରୁ ସେମାନେ ଘର ଭଡା ନେଇ ରହୁଥିଲେ। କିଛିଦିନ ହେବ ସେମାନେ ଘରକୁ ଆସି ରହିଥିଲେ। ଗୁରୁବାର ଅପରାହ୍ନରେ ଝରଣାଙ୍କ ମୃତଦେହ ଝୁଲୁଥିବା ଦେଖି ଲିପା ଏ ସମ୍ପର୍କରେ ଥାନାରେ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏ ସମ୍ପର୍କରେ ଓଲଟପୁର ଥାନା ଆଇଆଇସି ଚିନ୍ମୟୀ ସାହୁ କୁହନ୍ତି, ମୃତା ମହିଳାଙ୍କ ଶାଶୁଘର ଲୋକଙ୍କଠାରୁ ଖବରପାଇ ମୃତଦେହକୁ ଉଦ୍ଧାର କରିଛୁ ଓ ତାଙ୍କ ବାପଘରକୁ ଏ ସମ୍ପର୍କରେ ଖବର ଦିଆଯାଇଛି। ଶୁକ୍ରବାର ସାଇଣ୍ଟିଫିକ ଟିମ ଆସି ତଦନ୍ତକରି ଫେରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଜୀବିକା, ଦକ୍ଷତା ମଧ୍ୟରେ ସମନ୍ୱୟ ରକ୍ଷାକରେ ଶିକ୍ଷା





ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ଅଫିସ, ୨୫।୭**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସେଭେନ୍‌ପିଲାର ଅଫ ୱିଜଡମ ସ୍ଥିତ ଆନେକ୍ସ-୧୦ରେ ସ୍କୁଲ ଅଫ ଏଜୁକେଶନ ଆନୁକୂଲ୍ୟରେ ଦୁଇଦିନିଆ ଜାତୀୟ କର୍ମଶାଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଇଶାନ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ କହିଥିଲେ, ଜୀବନକୁ ସଫଳ କରିବା ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ରମାନେ ଏ ଦିଗରେ ସଚେତନ ହେବା ଉଚିତ। ମାତ୍ର ଏଥିପ୍ରତି ଶିକ୍ଷକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଆବଶ୍ୟକତା ରହିଛି। ସେହିପରି ମୁଖ୍ୟବକ୍ତା ଅଲ ଇଣ୍ଡିଆ ଆସୋସିଏଶନ ଫର୍ ଏଜୁକେସନାଲ ରିସର୍ଚ୍ଚର ସଭାପତି ପ୍ରଫେସର ସୁନୀଲ ବିହାରୀ ମହାନ୍ତି କହିଥିଲେ, ଶିକ୍ଷା ବ୍ୟବସ୍ଥା ସକରାତ୍ମକ ହେବା ଆବଶ୍ୟକ। ଏଥିରେ ସମସ୍ତଙ୍କର ସହଯୋଗିତା ରହିବା ଉଚିତ। ପ୍ରାଥମିକ ଶିକ୍ଷା ନୀତିରେ ଅନେକ ପରିବର୍ତ୍ତନ ହେବା ଜରୁରୀ। ଜୀବିକା ଓ ଦକ୍ଷତା ମଧ୍ୟରେ ଶିକ୍ଷା ସମନ୍ୱୟ ରକ୍ଷା କରେ ବୋଲି ପ୍ରଫେସର ମହାନ୍ତି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ କ୍ୟାରିୟର ଗଠନ ଦିଗରେ ପରାମର୍ଶ ଦେଇଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷା ବିଭାଗର ମୁଖ୍ୟ ଡ. ସୁଦର୍ଶନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୁଳସଚିବ ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

**ଖୁଣ୍ଟୁଣୀ,୨୫।୭(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଞ୍ଚଳର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଓ ସାଇକେଲ ଭାଙ୍ଗିବା ଅଭିଯୋଗରେ ଗୁରୁବାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସଚିନ ବେହେରା(୨୫)। ସୂଚନା ଅନୁଯାୟୀ, ଛାତ୍ରୀଜଣକ ସାଇକଲେରେ ଟ୍ୟୁସନରୁ ଫେରୁଥିବା ବେଳେ ସଚିନ ତାଙ୍କୁ ଅସଦାଚରଣ କରିବା ସହ ତାଙ୍କ ସାଇକେଲ ଭାଙ୍ଗି ଦେଇଥିଲେ। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୧/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

## ଆଇଆଇସିଙ୍କୁ ମାଡ଼ ଘଟଣା: ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୨୫।୭(ଡି.ଏନ୍.ଏ.)**

କପୁରସିଂ ଗ୍ରାମରେ ଜଗତପୁର ଥାନା ଆଇଆଇସି ପ୍ରଦୀପ କୁମାର ନାୟକଙ୍କୁ ମାଡ଼ ମାରିବା ଘଟଣାରେ ଗୁରୁବାର ଗୁରୁଡିଝାଟିଆ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କପୁରସିଂ ଗ୍ରାମର ପପିନା ରାଉତ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୧୦ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଥିବା ପୋଲିସ କହିଛି। ମେ' ୨୫ରେ ଜଗତପୁର ଅଞ୍ଚଳର ଜଣେ ନାବାଳିକାଙ୍କୁ ଚୌଦ୍ୱାର ଥାନା ମଇଁଷାଲଣ୍ଡା ଗ୍ରାମର ଅନ୍ତର୍ଯ୍ୟାମୀ ରାଉତ ଅପହରଣ କରିନେଇଥିବା ଜଗତପୁର ଥାନାରେ ଅଭିଯୋଗ ହୋଇଥିଲା। ଗତ ବୁଧବାର ସ୍ଥାନୀୟ ପୋଲିସକୁ ନ ଜଣାଇ ଅଭିଯୁକ୍ତଙ୍କୁ ସାଦା ପୋଷାକରେ ଗିରଫ କରିବାକୁ ଆସିଥିବା ଜଗତପୁର ଥାନା ଆଇଆଇସି ନାୟକଙ୍କୁ ଅଭିଯୁକ୍ତଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ମାଡ଼ ମାରିଥିଲେ। ଏପରିକି ଆଇଆଇସିଙ୍କ ସହିତ ଯାଇଥିବା ଅନ୍ୟ ପୋଲିସ କର୍ମଚାରୀମାନେ ମଧ ମାଡ଼ରୁ ବର୍ତ୍ତି ନ ଥିଲେ। ଖବରପାଇ ଗୁରୁଡିଝାଟିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଇଆଇସି ନାୟକ ଓ ପୋଲିସ କର୍ମଚାରୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଆଇଆଇସି ନାୟକଙ୍କ ଅଭିଯୋଗକ୍ରମେ ଗୁରୁଡିଝାଟିଆ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ନଦୀରେ ବୁଡ଼ି ଯୁବକ ମୃତ

**କଟକ ଅଫିସ,୨୫।୭**

ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ କାଠଯୋଡି ନଦୀରେ ବୁଡି ଗୁରୁବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ଗଣେଶଘାଟ ଅଞ୍ଚଳର ଦିବ୍ୟଜ୍ୟୋତି ଦାସ(୨୨)। ପୂର୍ବାହ୍ନ ୧୦ଟାରେ ସେ ସାଙ୍ଗମାନଙ୍କ ସହ ଗାଧୋଇବାକୁ ବାଲିଘାଟକୁ ଯାଇଥିଲେ। ସେଠାରେ ଗାଧୋଉଥିବା ବେଳେ ହଠାତ୍ ତାଙ୍କ ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ପୋଲିସ ପହଞ୍ଚି ଦିବ୍ୟଜ୍ୟୋତିଙ୍କୁ ଉଦ୍ଧାର କରିଥିଲା। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇ ତଦନ୍ତ ଚଳାଇଛି।

## ଅଗଷ୍ଟ ୧୫ରେ କାର୍ଯ୍ୟକାରୀ ହେବ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ

**କଟକ ଅଫିସ, ୨୫।୭**

କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ଦିନକୁ ଦିନ ବଢୁଛି ଆବର୍ଜନା। ଏହାକୁ ଦୃଷ୍ଟିରେ ରଖି ପ୍ରତିଘରୁ ଯେପରି ଭାବେ ଆବର୍ଜନା ସଂଗ୍ରହ କରାଯିବ ସେ ନେଇ ସିଏମ୍‌ସି ଚେଷ୍ଟା ଜାରି ରଖିଛି। ସହରରେ ବଢୁଥିବା ଆବର୍ଜନାକୁ ଦୃଷ୍ଟିରେ ବିଏସ୍‌ଏନ୍‌ଏଲ୍, ସିଏମ୍‌ସି ଏବଂ ୟୁଏନ୍‌ଡିପିର ମିଳିତ ସହଭାଗିତାରେ ମହାନଦୀବିହାର ବିଏସ୍‌ଏନ୍‌ଏଲ କଲୋନୀରେ ୧୩ ଲକ୍ଷ ଟଙ୍କା ବ୍ୟୟରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ନିର୍ମାଣ କରାଯିବ। ଏହି ପ୍ଲାଣ୍ଟରେ ପ୍ରତିଦିନ ୧୦୦ କେଜି ବର୍ଜ୍ୟବସ୍ତୁ ପରିଚାଳନା କରାଯାଇପାରିବ। ଏହି ପ୍ଲାଣ୍ଟକୁ ଚଲାଇବା ନିମନ୍ତେ ୩ ଜଣ ସୁଇପରଙ୍କୁ ତାଲିମ ଦିଆଯିବ। ବିଏସ୍‌ଏନ୍‌ଏଲ୍ କଲୋନୀର ସମସ୍ତ ଘରୁ ବାହାରୁଥିବା ଆବର୍ଜନା ଏହି ପ୍ଲାଣ୍ଟରେ ପ୍ରୋସେସିଂ କରାଯାଇ ଜୈବିକ ଖତରେ ପରିଣତ କରାଯିବ। ଏହି ଖତ ବିଭିନ୍ନ କାର୍ଯ୍ୟରେ ଲାଗିବ ବୋଲି ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ କହିଛନ୍ତି। ଏ ନେଇ ଗୁରୁବାର ବିଜୁଭବନଠାରେ ସିଏମସି କମିଶନର ଅନନ୍ୟା ଦାସଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୧୫ରେ ପ୍ଲାଣ୍ଟ କାର୍ଯ୍ୟକାରୀ, ଆବର୍ଜନା ସଂଗ୍ରହ, ଲୋକଙ୍କୁ ସଚେତନ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସେକ୍ରେଟାରୀ ଲତାଶ୍ରୀ ବାଗଙ୍କ ସମେତ ୟୁଏନ୍‌ଡିପି ପକ୍ଷରୁ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ

**କଟକ ଅଫିସ,୨୫।୭:** ସାମାଜିକ ସଙ୍ଗଠନ ଏଫଏସଓ ପକ୍ଷରୁ ଗୁରୁବାର ବିଶିପଦା ସ୍ଥିତ ଶହୀଦ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବ୍ରାହ୍ମଣଦା ସ୍ଥିତ କେନ୍ଦ୍ର ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ପ୍ରଦ୍ୟୁମ୍ନ ବରାଳଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

# କଟକ: ଲିଭିଗଲାଣି ଜେବ୍ରା କ୍ରସିଂ ଚିହ୍ନ



ମଙ୍ଗଳାବାଗ୍ ଟ୍ରାଫିକ ଠାରେ ଲିଭିଯାଇଥିବା ଜେବ୍ରା କ୍ରସିଂ ଚିହ୍ନ।

**କଟକ ଅଫିସ,୨୫।୭**

■ସିଗ୍‌ନାଲ ଜାଣିପାରୁନାହାନ୍ତି ଚାଳକ
■ଲୋକଙ୍କ ଯାତାୟାତରେ ସମସ୍ୟା

ଜନଗହଳିପୂର୍ଣ୍ଣ ଟ୍ରାଫିକରେ ନିରାପଦରେ ଚାଲିଚାଲି ରାସ୍ତା ପାର ହେବା ପାଇଁ ଲୋକମାନଙ୍କ ଲାଗି ଜେବ୍ରା କ୍ରସିଂ ସଙ୍କେତ ରହିଛି। ମାତ୍ର କଟକର କେତେକ ପ୍ରମୁଖ ଟ୍ରାଫିକ ନିକଟ ଜେବ୍ରା କ୍ରସିଂରେ ଟଣାଯାଇଥିବା ଚିହ୍ନ ଲିଭିଗଲାଣି। ଆଉ କିଛି ସ୍ଥାନରେ ଜେବ୍ରା କ୍ରସିଂ ନାହିଁ। ଫଳରେ ଟ୍ରାଫିକ ନିକଟରେ ରାସ୍ତା ପାର ହେବା ପାଇଁ ଲୋକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାରେ ଜେବ୍ରା କ୍ରସିଂ ଭଳି ସୂଚନା ଦେବାର ଦାୟିତ୍ୱ ପୂର୍ତ୍ତ ବିଭାଗ। ହେଲେ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଚାଳକମାନେ ଟ୍ରାଫିକ ସୂଚନାକୁ ଜାଣିପାରୁ ନାହାନ୍ତି। ଫଳସ୍ୱରୂପ ସହରରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଆଉ କିଛି ସ୍ଥାନରେ ଜେବ୍ରା କ୍ରସିଂ ଗାର ସାମାନ୍ୟ ଦେଖାଯାଉଥିଲେ ମଧ ଚାଳକମାନେ ଏହା ଉପରେ ଗାଡ଼ି ରଖୁଛନ୍ତି। ଜେବ୍ରା କ୍ରସିଂ ପୂର୍ବରୁ ଗାଡି ରଖିବା ପାଇଁ ନିୟମ ରହିଥିଲେ ମଧ ଅଧିକାଂଶ ସମୟରେ ଚାଳକମାନେ ଏହାକୁ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି।

ମଙ୍ଗଳାବାଗ ଟ୍ରାଫିକରେ ଜେବ୍ରା କ୍ରସିଂ ଗୋଟେ ପଟେ ସମ୍ପୂର୍ଣ୍ଣ ଲିଭିଯାଇଥିବା ବେଳେ ଅନ୍ୟପଟେ ଅଧିକାଂଶ ଅଂଶ ଲିଭିଯାଇଛି। ବାଦାମବାଡି ଟ୍ରାଫିକର ଦୁଇଟି ପାର୍ଶ୍ୱରେ ଥିବା ଜେବ୍ରା କ୍ରସିଂ ସମ୍ପୂର୍ଣ୍ଣ ଲିଭିଯାଇଛି। ଲିଙ୍କ୍‌ରୋଡ ଟ୍ରାଫିକରେ ଜେବ୍ରା କ୍ରସିଂ ଥିଲେ ମଧ କେହି ନିୟମ ମାନୁନାହାନ୍ତି। ଅନ୍ୟପକ୍ଷରେ ରାଣୀହାଟ, ବିଡାନାସୀ, ସତୀଚଉରା ଟ୍ରାଫିକରେ ଆଦୌ ଜେବ୍ରା କ୍ରସିଂ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଏମ୍.ଆର୍.ଖାନ୍ କୁହନ୍ତି, ମୁଁ ଏ ସମ୍ପର୍କରେ ଆପଣଙ୍କ ଠାରୁ ଜାଣିବାକୁ ପାଇଲି। ଯେଉଁ ଟ୍ରାଫିକରେ ଜେବ୍ରା କ୍ରସିଂ ନାହିଁ ଅବା ରଙ୍ଗ ଛାଡିଯାଇଛି, ସେ ସବୁ କାର୍ଯ୍ୟ ଯଥାଶୀଘ୍ର କରାଯିବ।



"ଜନସଂଖ୍ୟା ଯେପରି ଭାବେ ବଢ଼ିଚାଲିଛି, ସେହି ପରିମାଣରେ ଯାନବାହନ ସଂଖ୍ୟା ମଧ ବଢ଼ିଚାଲିଛି। କିନ୍ତୁ ଲୋକେ ଗାଡି ଚଲାଇବା ବଳେ ସତର୍କତା ଅବଲମ୍ବନ କରୁନାହାନ୍ତି। ରାସ୍ତାରେ ଜେବ୍ରା କ୍ରସିଂ ପାଇଁ ଥିବା ନିୟମକୁ କେହି ମାନୁନାହାନ୍ତି। ମନ ଇଚ୍ଛା ଗାଡି ଚଳାଉଛନ୍ତି। ଯାହାଦ୍ୱାରା ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନ ସହ ପୋଲିସ ବିଭାଗ ନଜର ଦେବା ଉଚିତ।

**- ଗଙ୍ଗାଧର ସ୍ୱାଇଁ, ମଙ୍ଗଳାବାଗ ବାସିନ୍ଦା**



"ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ପଏଣ୍ଟ ପାଖରେ ଜେବ୍ରା କ୍ରସିଂ ଲିଭିଯାଇଥିଲେ ସୁଦ୍ଧା ପୁନର୍ବାର ରଙ୍ଗ ଦିଆଯାଉନାହିଁ। ଯେଉଁ ଜାଗାରେ ଅଛି ସେଠି ଚାଳକମାନେ ନିୟମ ମାନୁନାହାନ୍ତି। ଏଥିପ୍ରତି ଟ୍ରାଫିକ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ।

**- ଦେବାଶିଷ ରାୟ, ଚୌଧୁରୀ ବଜାର ପୂଜା କମିଟି ସଭାପତି**



"କଟକରେ ଲୋକେ ସଚେତନ ନାହାନ୍ତି। ରାସ୍ତା ଅଣଓସାରିଆ ଥିବାରୁ ଅଧିକାଂଶ ଲୋକ ଜେବ୍ରା କ୍ରସିଂ ପୂର୍ବରୁ ଗାଡି ରଖିବା ପାଇଁ ଥିବା ନିୟମ ମାନୁନାହାନ୍ତି। ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କଠାରୁ ଟ୍ରାଫିକ୍ ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଉଛି। ହେଲେ ଲୋକେ ଏଥିପ୍ରତି ସଚେତନ ହେବା ଆବଶ୍ୟକ।

**- ଯତୀନ ପଣ୍ଡା, ଟ୍ରାଫିକ୍ ଏସିପି**

# ଛାତ୍ରୀଛାତ୍ରଙ୍କ ବାର୍ତ୍ତାଦେବ ୯୦.୪ ଏମ୍‌ଏଚ୍‌ଜେଡ୍



**କଟକ ଅଫିସ,୨୫।୭**

**ରେଭେନ୍ସା ରେଡିଓ ଉଦ୍‌ଘାଟିତ**

କିଛିଦିନ ଧରି ଡ୍ରାଏ ରନରେ ଚାଲିଥିବା ରେଭେନ୍‌ଶା ରେଡ଼ିଓ ଗୁରୁବାର ଉଦ୍‌ଘାଟିତ ହୋଇଛି। ଶୁକ୍ରବାରଠାରୁ ନିୟମିତ ଭାବେ ରେଭେନ୍‌ଶା ରେଡ଼ିଓର ସ୍ୱର ଶୁଣିବାକୁ ମିଳିବ। କୌଣସି ଶିକ୍ଷାନୁଷ୍ଠାନରେ ଗୋଷ୍ଠୀ ବେତାର କେନ୍ଦ୍ର ଖୋଲିବାରେ ରେଭେନ୍‌ଶା ରେଡ଼ିଓ ହେଉଛି ରାଜ୍ୟର ପ୍ରଥମ କେନ୍ଦ୍ର। ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ତେବେ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସମିଟର ଲଗାଯିବା ଫଳରେ ୨୦ କିମି ପର୍ଯ୍ୟନ୍ତ ଏବେ ରେଭେନ୍‌ଶା ରେଡ଼ିଓର ସ୍ୱର ଶୁଣିପାରିବେ ଶ୍ରୋତା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, କୁଳସଚିବ ଅଶୋକ ଦାସ, ରେଡ଼ିଓର କାର୍ଯ୍ୟକ୍ରମ ପରିଚାଳନା ମୁଖ୍ୟ ଦୁଷ୍ମନ୍ତ କୁମାର ଦାସଙ୍କ ସମେତ ବିଶ୍ୱବିଦ୍ୟାଳୟର ଅନେକ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

୪ ବର୍ଷ ଧରି ଖତ ହୋଇ ପଡ଼ିବା ପରେ ପୁନଃ କାର୍ଯ୍ୟକ୍ଷମ ହୋଇଛି ରେଭେନ୍‌ଶା ରେଡ଼ିଓ। କେବଳ କଟକବାସୀ ନୁହେଁ ଏଥର ଏହି ରେଡିଓର ସ୍ୱର ୨୦ କିମିରୁ ଊର୍ଦ୍ଧ୍ୱ ପରିଧି ପର୍ଯ୍ୟନ୍ତ ଶୁଭିବ। ବିଶେଷକରି ଭୁବନେଶ୍ୱର ପର୍ଯ୍ୟନ୍ତ ଏହା ଶୁଭାଯିବ। ୨୦୧୧ ଏପ୍ରିଲ ୧୪ରେ ରେଭେନ୍‌ଶା ରେଡ଼ିଓ ଉଦ୍‌ଘାଟିତ ହୋଇଥିଲା। ସେତେବେଳେ ଏହାକୁ ତତ୍କାଳୀନ କୁଳପତି ଦେବଦାସ ଛୋଟରାୟ ଉଦ୍‌ଘାଟନ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟଠାରୁ ୫ କିମି ପରିଧି ପର୍ଯ୍ୟନ୍ତ ଏହି ରେଡିଓର ସ୍ୱର ଶୁଭୁଥିଲା। ପରେ ବୈଷୟିକ ତ୍ରୁଟି ଯୋଗୁ ପ୍ରସାରଣ ବନ୍ଦ ହୋଇଥିଲା। ଫଳରେ କିଛି ସରଞ୍ଜାମ ଚୋରି ହୋଇଯାଇଥିବାବେଳେ ଆନୁଷଙ୍ଗିକ ସରଞ୍ଜାମରେ ଉଇ ଲାଗି ନଷ୍ଟ ହୋଇଯାଇଥିଲା। ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଡ. ଜୟନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରେଡ଼ିଓର ପୁନରୁଦ୍ଧାର ହୋଇଛି। ମୋଟ୍ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଏଭଳି କରାଯାଇଥିବା ଜଣାପଡ଼ିଛି। ରେଡ଼ିଓର ୯୦.୪ ଏମ୍‌ଏଚ୍‌ଜେଡ ଫ୍ରିକ୍ୟୁନ୍ସିରେ ଏହା ଉପଲବ୍ଧ ରହିବ।

### ଆରମ୍ଭ ହେଉଣୁ ବନ୍ଦ ଡର

କିଛି ମାସର ପରିଶ୍ରମ ପରେ ରେଭେନ୍‌ଶା ରେଡ଼ିଓ ଆରମ୍ଭ ହୋଇଛି ସତ, ହେଲେ ଏବେ ବନ୍ଦ ହୋଇଯିବାର ଡର ଘାରିଛି। କାରଣ ଆସନ୍ତା ସେପ୍ଟେମ୍ବରରେ ରେଡ଼ିଓର ଲାଇସେନ୍ସ ଶେଷ ହେବ। ଏହା ପୂର୍ବରୁ ଲାଇସେନ୍ସ ନବୀକରଣ କରା ନ ଗଲେ ବନ୍ଦ ହୋଇଯାଇପାରେ ରେଭେନ୍‌ଶା ରେଡ଼ିଓ।

### ଆର୍‌ଜେ ପାଇଁ ସୁଯୋଗ

ରେଡ଼ିଓ ଜକି(ଆର୍.ଜେ.) ହେବା ପାଇଁ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ ସୁଯୋଗ ସୃଷ୍ଟି ହୋଇଛି। ପ୍ରତ୍ୟେକ ବିଭାଗର ଛାତ୍ରୀଛାତ୍ର ରେଡ଼ିଓର ବିଭିନ୍ନ କାର୍ଯ୍ୟକ୍ରମ ସହ ଜଡ଼ିତ ହୋଇପାରିବେ। ଯେଉଁମାନଙ୍କ ସ୍ୱର ଭଲ ଥିବ ସେମାନେ ଆର୍‌ଜେ ଭାବେ କିମ୍ବା ପ୍ରଡକ୍ସନ ଟିମ୍‌ରେ କାର୍ଯ୍ୟ କରିବାର ସୁଯୋଗ ପାଇବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ପ୍ରତି ମାସରେ ବାର୍ତ୍ତା ଦେବେ କୁଳପତି

କୁଳପତିଙ୍କ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସମୟ ଓ କାର୍ଯ୍ୟକ୍ରମ ସ୍ଥିର କରାଯିବ, ଯଦ୍ଦ୍ୱାରା କୁଳପତି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରତି ମାସରେ ଏକ ବାର୍ତ୍ତା ଦେବେ। ଏହାଛଡ଼ା କ୍ୟାରିୟର କାଉନସେଲିଂ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ମଧ ଏଠାରେ ପ୍ରସାରଣ କରାଯିବ।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ
ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଚେକିଂ ବେଳେ ଚୋରା ବାଇକ୍ ଜବତ, ୨ ଗିରଫ

**ଭୁବନେଶ୍ୱର,୨୫।୭(ବ୍ୟୁରୋ):** ଶହୀଦନଗର ଥାନା ପୋଲିସ ରାତିରେ ଚେକିଂ ବେଳେ ଚୋରା ବାଇକ୍ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କ୍ୟାପିଟାଲ ଥାନା ଅଧୀନ କେଦାରପଲ୍ଲୀ ବସ୍ତିରେ ରହୁଥିବା ବିବେକାନନ୍ଦ ଦଲେଇ ଏବଂ ବିଏମ୍‌ସି କଲୋନୀ କ୍ୱାର୍ଟର୍ସ ନଂ. ୧୯ରେ ରହୁଥିବା ମଣ୍ଟୁ ନାୟକ। ପୋଲିସ ସୂଚନା ମୁତାବକ, ଶହୀଦନଗର ଥାନା ପୋଲିସ ବୁଧବାର ରାତିରେ ସୈନିକ ସ୍କୁଲ ପଛ ଗେଟ ନିକଟରେ ଚେକିଂ ଚଳାଇଥିଲା। ୨ ଅଭିଯୁକ୍ତ ପୋଲିସକୁ ଦେଖି ଫେରାର ହେବାକୁ ଉଦ୍ୟମ କରିବା ବେଳେ ସେମାନଙ୍କୁ କାବୁ କରାଯାଇଥିଲା। ଏସ୍‌ଆଇ ଚିତ୍ତରଞ୍ଜନ ରାଉତ ଗାଡି କାଗଜପତ୍ର ଯାଞ୍ଚ କରିବାକୁ ମାଗିବାରୁ ସେମାନେ ଦେଖାଇ ପାରି ନ ଥିବାବେଳେ ତାହା ଚୋରା ଗାଡ଼ି ବୋଲି ଜଣାପଡିଥିଲା। ଏ ନେଇ ଥାନାରେ ଏସ୍‌ଆଇ ଚିତ୍ତରଞ୍ଜନଙ୍କ ଅଭିଯୋଗକ୍ରମରେ ପୋଲିସ ନଂ. ୩୪୨/୧୯ ରେ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ବାଇକ୍ (ନଂ.ଓଡି ୩୩ ଏ ୧୨୫୯)କୁ ଜବତ କରାଯାଇଛି।

### ଦୋକାନରୁ ଚୋରି: ୨ ଗିରଫ

**ଭୁବନେଶ୍ୱର,୨୫।୭(ବ୍ୟୁରୋ):** ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ଦୋକାନ ତାଡି ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିବା ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏଥିସହ ସେମାନଙ୍କ ନିକଟରୁ ଦୋକାନରୁ ଚୋରି ସାମଗ୍ରୀ ଜବତ କରିଛି। ସେମାନେ ହେଲେ କଟକ ଜିଲା ମଧୁପାଟଣା ଥାନା ଅଧୀନ କଲ୍ୟାଣୀନଗର ଅଞ୍ଚଳର ନୀତିଶ ଦାସ ଓ ଶହୀଦନଗର ଥାନା ଅଧୀନ ଗ୍ରୀଡ୍‌କୋ କଲୋନୀରେ ରହୁଥିବା ବିମଳ କୁମାର ରଣସିଂ। ପୋଲିସ ସୂଚନା ମୁତାବକ, ପୋଖରୀପୁଟ ଅଞ୍ଚଳରେ ରହୁଥିବା ବିଷ୍ଣୁପ୍ରସାଦ ପୃଷ୍ଟିଙ୍କ ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ଓମଫେଡ ଦୋକାନ ରହିଛି। ଗତ ୨୩ ତାରିଖ ରାତିରେ ୨ ଅଭିଯୁକ୍ତ ଦୋକାନ ତାଲା କାଟି ଭିତରକୁ ପଶିଥିଲେ। କ୍ୟାଶ କାଉଣ୍ଟର ତାଲା କାଟି ସେଥିରୁ ୧୦ ହଜାର ଟଙ୍କା ସମେତ ଅନ୍ୟ ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିଲେ। ପରଦିନ ସକାଳୁ ବିଷ୍ଣୁ ଦୋକାନ ଖୋଲିବାକୁ ଆସିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୩୪୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### କଲେଜରେ ବନମହୋତ୍ସବ

**ନରାଜ,୨୫।୭(ଡି.ଏନ୍.ଏ.):** ବାରଙ୍ଗସ୍ଥିତ କୁଞ୍ଜବିହାରୀ ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ ଆନୁକୂଲ୍ୟରେ ଗୁରୁବାର ବନମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିମଳ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଓ ଅତିଥିଭାବେ ଯୁବନେତା ସୁବାସ ପାତ୍ର ଯୋଗଦେଇଥିଲେ। ଏହି ମହାବିଦ୍ୟାଳୟକୁ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ବିଧାୟକ ରାଉତ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଲୁମ୍‌ନିର ସଭ୍ୟ, ପୁରାତନ ଛାତ୍ର ସଂସଦ, ଏନଏସଏସ,ସ୍କାଉଟ୍‌ସ ଓ ଗାଇଡ୍‌ସ, ୟୁଥ ରେଡକ୍ରସରେ ଦାୟିତ୍ୱରେ ଥିବା ଅଧାପିକା ଅଧାପକ, ଭଲ୍ୟୁଣ୍ଟିୟର, ଛାତୀଛାତ୍ର ଓ ସ୍ଥାନୀୟ ବ୍ୟକ୍ତି ଯୋଗଦେଇ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ଅଧାପକ ଅନୀଲ ପାଢୀ ସଭା ପରିଚାଳନା କରିଥିଲାବେଳେ ଅଧାପକ ମନୀନ୍ଦ୍ର କୁଅଁର ଧନ୍ୟବାଦ ଦେଇଥିଲେ।

### ଦୁଇ ଚୋରଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ ଗ୍ରାମବାସୀ

**ନୟାଗଡ଼ ଅଫିସ/ଭାପୁର(ଡି.ଏନ.ଏ.), ୨୫।୭:** ଘରେ ପଶି ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ି ନିର୍ଘୃମ ମାଡ଼ ଖାଇଛନ୍ତି ଚୋରମାନେ। ପରେ ସେମାନଙ୍କୁ ପୋଲିସ ଉଦ୍ଧାର କରି ଗିରଫ କରିଛି। ଏହି ଘଟଣା ଘଟିଛି ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ଼ ଥାନା ବାଇଗୁଣିଆର ବଡ଼ସାହି ଗ୍ରାମରେ। ଗ୍ରାମରେ ୩ ଜଣ ଚୋର ବୁଧବାର ରାତିରେ ଜଣଙ୍କ ଘରେ ପଶିଥିବା ବେଳେ ଲୋକଙ୍କ ହାତରେ ୨ ଜଣ ଧରାପଡ଼ିଥିଲେ। ଅନ୍ୟ ଜଣେ ଫେରାର୍ ହୋଇଯାଇଥିଲା। ଧରାପଡ଼ିଥିବା ୨ ଚୋରଙ୍କୁ ଗ୍ରାମବାସୀ ରାତିସାରା ଏକ ବିଦ୍ୟୁତ ଖୁଣ୍ଟିରେ ବାନ୍ଧି ମାଡ ମାରିଥିଲେ ।ଗୁରୁବାର ସକାଳେ ପୋଲିସ ଖବର ପାଇ ୨ ଜଣ ଚୋରଙ୍କୁ ଉଦ୍ଧାର କରିଛି। ଗିରଫ ୨ ଜଣ ହେଲେ ଭୁବନେଶ୍ୱର ବଡ଼ଗଡ଼ ଥାନା ବ୍ରିଟ କଲୋନୀର ସୁଶାନ୍ତ ଭଞ୍ଜ ଓରଫ ରକି ଓ ବାଇଗୁଣିଆ ଗ୍ରାମର ହରିହର ବୀର ଓରଫ ମଣ୍ଟୁ ।

■ ପୋଲିସ, ଅବକାରୀ ବିଭାଗ ପାରିଲାନି

# ନିଶା ବେପାରୀ, ନିଶାଗ୍ରସ୍ତଙ୍କୁ ସାବାଡ଼ କଲେ ମହିଳା

**ଜଟଣୀ,୨୫।୭(ଡି.ଏନ.ଏ.)**

ଜଟଣୀରେ ବ୍ୟାପକ ବ୍ରାଉନ୍‌ସୁଗାର (ପାଉ) ଭଳି ମାରାତ୍ମକ ନିଶା କାରବାର ବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ନିଜ ଘର ପିଲା ସହ ସାହି ଓ ଗ୍ରାମର ଅନେକ ଯୁବକ ଏଥିରେ ଅଭ୍ୟସ୍ତ ହୋଇ ଅବାଟକୁ ଯିବା ଘଟଣା ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରିଛନ୍ତି। ଏହି ନିଶାରେ ଥରେ ଯିଏ ଅଭ୍ୟସ୍ତ ହେଉଛନ୍ତି ଛାଡ଼ିବା ନାଁ ଧରୁ ନାହାନ୍ତି। ଖାଇବା ସମୟ ହୋଇଯିବା ମାତ୍ରେ ଯଦି ନ ମିଳୁଛି, ନିଶାଗ୍ରସ୍ତମାନଙ୍କ ବିଚିତ୍ର ଆଚରଣ ଦେଖିବାକୁ ମିଳୁଛି। ସେମାନେ ନିଜ ଶରୀରକୁ କାମୁଡି ରକ୍ତାକ୍ତ କରି ପକାଉଛନ୍ତି। ବିଶେଷକରି ଯୁବବର୍ଗ ଏଥିରେ ଅଭ୍ୟସ୍ତ ହୋଇପଡ଼ିଥିବାରୁ ଧୀରେ ଧୀରେ ଦୁର୍ବଳ ହୋଇପଡୁଛନ୍ତି। ଅନ୍ୟପକ୍ଷରେ ଏହି ଦାମିକା ନିଶାସେବନ ପାଇଁ ଦୈନିକ ଟଙ୍କାର ଆବଶ୍ୟକତା ପଡୁଥିବାରୁ ନିଶାଗ୍ରସ୍ତମାନେ ଚୋରି ଓ ଲୁଟ୍ ଭଳି ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହି ନିଶା କବଳରେ କବଳିତ ଯୁବକଙ୍କ ପରିବାରର ଆର୍ଥିକ ସ୍ଥିତି ଖରାପ ହେବା ସହ ଅଭିଭାବକଙ୍କ ଚିନ୍ତା ବଢିବାରେ



ନିଶାଦ୍ରବ୍ୟ କିଣିବାକୁ ଆସିଥିବା ଯୁବକ ଏବଂ ବେପାରୀଙ୍କୁ ଲୋକେ ଉଠ୍‌ବସ୍ କରାଉଛନ୍ତି।

ଲାଗିଛି। ପରିବାରରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ଏହାକୁ ରୋକ ଲଗାଇବାକୁ କିଛିଦିନ ହେବ ପୋଲିସ ଅବଶ୍ୟ ଚଢ଼ାଉ ଜୋରଦାର କରିଛି। କେତେକ ନିଶା ବେପାରୀଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଜବତ କରିବାରେ ସକ୍ଷମ ହୋଇଛି। ହେଲେ ତାହା ପର୍ଯ୍ୟାପ୍ତ ନୁହେଁ। ଛୋଟ ଛୋଟ ଜରି ପ୍ୟାକେଟ୍‌ରେ ରହୁଥିବା ଏହି ମାରାତ୍ମକ ନିଶାଦ୍ରବ୍ୟ ଧରିବାରେ ପୋଲିସ ପାଇଁ କଷ୍ଟକର ବ୍ୟାପାର ହେଉଛି। ପୋଲିସ ଡାଳେ ଡାଳେ ଗଲେ ନିଶାବେପାରୀ ପତ୍ରେ ପତ୍ରେ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିଶାବେପାରୀ ଓ ନିଶାଗ୍ରସ୍ତଙ୍କୁ ସାବାଡ୍ କରିବାକୁ ଜଟଣୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ମହିଳା ଓ ଯୁବକମାନେ ଆଗକୁ ବାହାରିଛନ୍ତି। ବିକ୍ରୟ ସ୍ଥାନରେ ପହଞ୍ଚି ନିଶା ବେପାର ନ କରିବା ପାଇଁ ବୁଝାଉଛନ୍ତି। ଆବଶ୍ୟକ ପଡ଼ିଲେ ବେପାରୀ ଓ ନିଶାଡିଙ୍କୁ ନିର୍ଘୃମ୍ ଛେଚୁଛନ୍ତି।

ଜଟଣୀର କୁଦିଆରୀ, ନୂଆଗାଁ, ହରିରାଜପୁର ଛକ, କୁସୁମାଟି, କଂସପଦା ଆଦି ସ୍ଥାନର ନିଶା ବେପାରୀ ଓ ସେବନକାରୀ ନିଶାଗ୍ରସ୍ତମାନେ ଆଗକୁ ବାହାରିଥିବା ମହିଳା ଯୁବକଙ୍କଠାରୁ ମାଡ଼ ଖାଇବା ସହିତ କାନ ଧରି ଉଠ୍‌ବସ୍ ହେବା ଭଳି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏପରି ନିଶା ବିରୋଧୀ ଅଭିଯାନ ଅନ୍ୟ ଅଞ୍ଚଳକୁ ମଧ ବ୍ୟାପୁଛି। ଫଳରେ ଖୁଲମ୍‌ଖୁଲା ନିଶା କାରବାର ଚଳାଇଥିବା ଚୋରା ବେପାରୀ କେତେକାଂଶରେ ଭୟଭୀତ ହୋଇପଡ଼ିଛନ୍ତି। ଜଟଣୀରେ ବ୍ରାଉନ୍‌ସୁଗାର କାରବାର ସମ୍ପୂର୍ଣ୍ଣ ବନ୍ଦ ପାଇଁ ଉଭୟ ପୋଲିସ ଓ ଅବକାରୀ ବିଭାଗ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱ ଦେବା ଆବଶ୍ୟକତା ରହିଥିବା ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା କହିଛନ୍ତି। ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଥିବା ନିଶା ବିରୋଧୀ ଅଭିଯାନ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି। ଲୋକେ ସଚେତନ ହେଲେ ଏହି ନିଶା କାରବାର ବନ୍ଦ ହୋଇପାରିବ ବୋଲି ସେ କହିଛନ୍ତି।

## ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଜରୁରୀ



ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର, ଗୁରୁମା' ଓ ଗୁରୁଜୀ।

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ଦିନକୁ ଦିନ ପୃଥିବୀରେ ପରିବେଶ ପ୍ରଦୂଷଣ ବଢୁଛି। ଏହା ପରିବେଶବିତ୍‌ଙ୍କ ଚିନ୍ତା ବଢ଼ାଇଛି। କଳକାରଖାନା, କଂକ୍ରିଟ ଜଙ୍ଗଲ, ଗାଡ଼ିମୋଟରରୁ ନିର୍ଗତ ଧୂଆଁ, ଏସି, ଫ୍ରିଜ୍ ଆଦି ଆଧୁନିକ ସାମଗ୍ରୀ ପାଇଁ ମଧ ପରିବେଶ ପ୍ରଦୂଷିତ ହେଉଛି। ତେଣୁ ସବୁଜ ପରିବେଶ ସୃଷ୍ଟି ପାଇଁ ଆମକୁ ବୃକ୍ଷରୋପଣ କରିବା ନିହାତି ଆବଶ୍ୟକ। ଖଣ୍ଡଗିରି ଧର୍ମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଛାତ୍ର ଓ ଗୁରୁମା, ଗୁରୁଜୀମାନଙ୍କୁ ଏହି ଆହ୍ୱାନ ଦିଆଯାଇଥିଲା। ଏଥିରେ ପ୍ରଧାନ ଆଚାର୍ଯ୍ୟ ଶଶୀଭୂଷଣ ଦାଶ, ସହ ସ୍କାଉଟ ମାଷ୍ଟର ସଞ୍ଜୟ ପ୍ରଧାନ, ଗାଇଡ୍ କ୍ୟାପ୍‌ଟେନ ମଧୁସ୍ମିତା ମିଶ୍ରଙ୍କ ସମେତ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଓ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ସମସ୍ତେ ନିଜ ଘରେ ମଧ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ପାଇଁ ପ୍ରଧାନ ଆଚାର୍ଯ୍ୟ ଦାଶ ଛାତ୍ରୀଛାତ୍ର, ଗରୁମା, ଗୁରୁଜୀଙ୍କୁ ପରାମର୍ଶ ଦେଇଥିଲେ।

■ ଗଣଶିକ୍ଷା ମନ୍ତ୍ରୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

## ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବୁଲି ଦେଖିଲେ

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ କରି ସେଠାରେ ପ୍ରଶିକ୍ଷାର୍ଥୀମାନଙ୍କ ସହ ମତ ବିନିମୟ କରିଥିଲେ। ଶିକ୍ଷାନୁଷ୍ଠାନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ମନ୍ତ୍ରୀ ଦାଶ ଅନୁଷ୍ଠାନରେ ନିୟମିତ ଶିକ୍ଷକ ପଦବୀ ଖାଲିଥିବାର ଅବଗତ ହୋଇଥିଲେ। ଏହି ଅବସରରେ ସେ ବିଳମ୍ବରେ ଆସିଥିବା ଶିକ୍ଷକଙ୍କୁ କୈଫିୟତ ତଲବ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧକ୍ଷା ଅପର୍ଣ୍ଣା ମିଶ୍ର ମନ୍ତ୍ରୀ ଦାଶଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ଏହାସହ ଗଣଶିକ୍ଷା ମନ୍ତ୍ରୀ ୟୁନିଟ୍-୬ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମଧ ପରିଦର୍ଶନ କରିଥିଲେ। ଶ୍ରେଣୀଗୃହ ବୁଲି ଛାତ୍ରୀମାନଙ୍କ ପାଠପଢ଼ା ଦେଖିବା ସହ ପ୍ରଦାନ କରାଯାଉଥିବା ଉତ୍‌ଥାନ ଓ ଉତ୍କର୍ଷ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ମଧାହ୍ନଭୋଜନ ବ୍ୟବସ୍ଥା ଓ ପରିବେଷଣ ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ବେହେରା ମନ୍ତ୍ରୀ ଦାଶଙ୍କୁ ସ୍ୱାଗତ ଜଣାଇଥିଲେ।

## ବୀରକିଶୋରୀ ବଲ୍ଲଭରେ ଲାଗି ହେଉନି କାକରା ପିଠା

**ପୁରୁଣା ଭୁବନେଶ୍ୱର, ୨୫।୭(ଡି.ଏନ.ଏ.)**

**ଶ୍ରୀଲିଙ୍ଗରାଜ ମନ୍ଦିର**

ଶ୍ରୀଲିଙ୍ଗରାଜଙ୍କର ବାରମାସରେ ତେର ପର୍ବ ପାଳନ ହେଉଥିବା ବେଳେ ଦୈନନ୍ଦିନ ନୀତିକାନ୍ତିରେ ଠାକୁରଙ୍କୁ ବିଭିନ୍ନ ପ୍ରକାର ଭୋଗ ଲାଗି ହୁଏ। ହେଲେ କେତେଜଣ ସେବାୟତଙ୍କର ଖାମଖିଆଲ ମନୋଭାବ ଯୋଗୁ ଠାକୁରଙ୍କୁ ଭୋଗ ଲାଗିରେ ବ୍ୟତିକ୍ରମ ଦେଖାଦେଇଛି। ବୀରକିଶୋରୀ ବଲ୍ଲଭରେ ଠାକୁରଙ୍କୁ କାକରା ପିଠା ଲାଗି ହୋଇଥାଏ। ଦେଢ଼ ମାସ ହେବ ନୀତିରେ କାକରା ପିଠା ଜାଗାରେ ଛୋଟ ଛୋଟ ଆରିସା ଲାଗି ହେଉଛି। ବର୍ଷ ବର୍ଷର ରହିଥିବା ପରମ୍ପରାରେ ବ୍ୟତିକ୍ରମକୁ ନେଇ ସେବାୟତ, ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି।

ଶ୍ରୀଲିଙ୍ଗରାଜ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଟ୍ରଷ୍ଟ ବୋର୍ଡ ଠାକୁରଙ୍କ ଏ ସମସ୍ତ ଭୋଗ ପାଇଁ ସାମଗ୍ରୀ ଯୋଗାଇଥାନ୍ତି। ତେବେ ଦାୟିତ୍ୱରେ ଥିବା ପାଳିଆ ସେବାୟତ କ'ଣ ପାଇଁ କାକରା ପିଠା ସ୍ଥାନରେ ଆରିସା ପିଠାରେ କାମ ଚଳାଉଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ପୂଜାପଣ୍ଡା ସେବାୟତ ମଣ୍ଟୁ ପୂଜାପଣ୍ଡା ସମ୍ପୃକ୍ତ ଭୋଗ ପ୍ରସ୍ତୁତକାରୀ ପାଳିଆ ସେବାୟତ ଏବଂ ମନ୍ଦିର ସୁପରଭାଇଜରଙ୍କୁ ଅବଗତ କରାଇଥିଲେ। ହେଲେ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ସେ କହିଛନ୍ତି। ଟ୍ରଷ୍ଟ ବୋର୍ଡ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ, ଟ୍ରଷ୍ଟ ବୋର୍ଡ ଏ ନେଇ କୌଣସି ଅଭିଯୋଗ ପାଇନି। ଦୈନନ୍ଦିନ ବୋର୍ଡ ପକ୍ଷରୁ ଠାକୁରଙ୍କ ଭୋଗ ପାଇଁ ଜିନିଷପତ୍ର ଯୋଗାଇଥାଏ। ଏଥିରେ ବୋର୍ଡ ପକ୍ଷରୁ କୌଣସି ବ୍ୟତିକ୍ରମ ହୋଇନାହିଁ। ଯଦି ଏମିତି କିଛି ହେଉଥିବ ତାହା ହେଲେ ଏ ନେଇ ତୁରନ୍ତ ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

## ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗ ପକ୍ଷରୁ ବୁଣାକାରଙ୍କ ଚକ୍ଷୁ ପରୀକ୍ଷା



**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ବାଲିପାଟଣା ବ୍ଲକ ନୂଆପାଟଣା ଗ୍ରାମରେ ମୁଣ୍ଡହଣାପାଟଣା ତନ୍ତୁବାୟ ସହଯୋଗ ସମିତି କାର୍ଯ୍ୟାଳୟରେ ଗୁରୁବାର ବୁଣାକାରଙ୍କ ପାଇଁ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ଏହା ବୟନଶିଳ୍ପ ନିର୍ଦ୍ଦେଶାଳୟ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସାର୍ବଜନୀନ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ସୁନେତ୍ର) ଆନୁକୂଲ୍ୟରେ ହୋଇଥିଲା। ଓଡ଼ିଶା ମେଡ଼ିକାଲ କର୍ପୋରେଶନର ପରିଚାଳନା ନିର୍ଦ୍ଦେଶିକା ତଥା ସୁନେତ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଯାମିନୀ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଭାଗୀରଥି ପଣ୍ଡା ଓ ସାଇଟେସବରର ଚକ୍ଷୁ ବିଶେଷଜ୍ଞମାନେ ବୁଣାକାରମାନଙ୍କ ଆଖିର ପରୀକ୍ଷା ନିରୀକ୍ଷା କରିଥିଲେ। ସୁନେତ୍ରର ନୋଡାଲ ଅଧିକାରୀ ଡା. ଜୀବନ ବଲ୍ଲଭ ଷଡ଼ଙ୍ଗୀ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ବିଜୟ ପ୍ରସନ୍ନ ମହାନ୍ତି, ସୁନେତ୍ରର ପ୍ରୋଗ୍ରାମ୍ ଅଫିସର ଡା. ସଞ୍ଜୁ ଦାସ ଏବଂ ଡା. ଅମିତାଭ ଦାସ ଶିବିରରେ ଆବଶ୍ୟକ ସହାୟତା କରିଥିଲେ। ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଦେବରାଜ ସାହୁ ଓ ମୁଣ୍ଡହଣାପାଟଣା ତନ୍ତୁବାୟ ସହଯୋଗ ସମିତିର ସଭାପତି ନବୀନ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଚକ୍ଷୁ ପରୀକ୍ଷା ସହ ବୁଣାକାରମାନଙ୍କୁ ମାଗଣା ଚଷମା ଏବଂ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ପରବର୍ତ୍ତୀ ସମୟରେ ବୁଣାକାରମାନଙ୍କ ନିମନ୍ତେ ଏଭଳି ଶିବିର ଆୟୋଜନ କରାଯିବାର ଯୋଜନା ଅଛି।

କଟକରେ ୩ ଦିନମଜୁରିଆଙ୍କୁ ହତ୍ୟା ପରେ...

## ରାଜଧାନୀରେ ଆତଙ୍କ



ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଏବଂ ଅନ୍ୟ ଅଧିକାରୀମାନେ ପାଟ୍ରୋଲିଂ କରୁଛନ୍ତି।

- ବିଳମ୍ବିତ ରାତିରେ ପାଟ୍ରୋଲିଂ କଲେ ସିପି, ଡିସିପି
- ଫୁଟ୍‌ପାଥ୍‌ରେ ଶୋଉଥିବା ଲୋକଙ୍କୁ କଲେ ସଚେତନ
- ସନ୍ଦିଗ୍ଧଙ୍କୁ ଧରିବା ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

କଟକରେ ଫୁଟ୍‌ପାଥ୍‌ରେ ଶୋଇଥିବା ୩ଜଣ ଦିନମଜୁରିଆଙ୍କୁ ଅତି ନୃଶଂସ ଭାବେ ହତ୍ୟା କରାଯିବା ପରେ ସାରା ସହରରେ ଚାଞ୍ଚଲ୍ୟ ଖେଳିଯାଇଛି। କିଏ ଓ କାହିଁକି ଏହି ଦିନମଜୁରିଆଙ୍କୁ ହତ୍ୟା କରିଛି ତାହା ଏବେ ପ୍ରଶ୍ନ ପାଲଟିଛି। ଏହି ଘଟଣାକୁ ନେଇ ଭୁବନେଶ୍ୱରର ବିଭିନ୍ନ ଫୁଟ୍‌ପାଥ୍‌ରେ ଶୋଉଥିବା ଦିନମଜୁରିଆ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ହତ୍ୟାକାଣ୍ଡ ପଛରେ କେହି ସାଇକୋ କିଲରର ହାତଥିବା ପୋଲିସ କମିଶନର କହିଛନ୍ତି। ସେ ଅନ୍ୟ ଜଣଙ୍କୁ ଟାର୍ଗେଟ କରିବା ପୂର୍ବରୁ ପୋଲିସ ତାଙ୍କୁ ଧରିବା ପାଇଁ ଯୋଜନା କରିଛି। ପୋଲିସ ଆଶଙ୍କା କରିଛି କଟକରେ ଛାନ୍‌ଭିନ୍ ପରେ ସାଇକୋ କିଲର ଭୁବନେଶ୍ୱରକୁ ଚାଲିଆସି ଏଭଳି କାଣ୍ଡ ଘଟାଇ ପାରନ୍ତି। ତେଣୁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଓ ଡେପୁଟି ପୋଲିସ କମିଶନର ଅଖିଳେଶ୍ୱର ସିଂ ବୁଧବାର ଓ ଗୁରୁବାର ବିଳମ୍ବିତ ରାତିରେ ଷ୍ଟୁଡିଓ ଛକ, ପୋଖରୀପୁଟ, ନୟାପଲ୍ଲୀ ଆଦି ବିଭିନ୍ନ ସ୍ଥାନ ବୁଲି ପାଟ୍ରୋଲିଂ କରିଛନ୍ତି। ଫୁଟ୍‌ପାଥରେ ଶୋଉଥିବା ଲୋକଙ୍କୁ ସଚେତନ କରିବା ସହ ଆଶ୍ରୟସ୍ଥଳୀରେ ରହିବାକୁ ପରାମର୍ଶ ଦେଇଛନ୍ତି। ସେହିପରି କମିଶନର ପୋଲିସ କଣ୍ଟ୍ରୋଲ ରୁମ୍ ଅନୁଧାନ କରିଛନ୍ତି। ଗତ ଦୁଇଦିନ ହେଲା ରାତିରେ ବିଭିନ୍ନ ଫୁଟ୍‌ପାଥ୍‌ରେ ଶୋଇଥିବା ଦିନମଜୁରିଆଙ୍କୁ ପୋଲିସ କର୍ମଚାରୀମାନେ ଉଠାଇ ଆଣି ଆଶ୍ରୟସ୍ଥଳୀରେ ଛାଡ଼ିଛନ୍ତି। ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଯାଞ୍ଚ ହେଉଛି। କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତାଙ୍କୁ ତୁରନ୍ତ ଥାନାକୁ ଆଣି ପଚରାଉଚରା କରିବା ପାଇଁ ପୋଲିସ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବିଳମ୍ବିତ ରାତିରେ ଯଦି କେହି କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରନ୍ତି ତେବେ ତୁରନ୍ତ ଜବାବ ଦେବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି। ପୋଲିସ କମିଶନର କହିଛନ୍ତି, ଭୁବନେଶ୍ୱରରେ ସେଭଳି କିଛି ହେବାର ଆଶଙ୍କା ନାହିଁ। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ମୁଁ ଓ ଡିସିପି ବିଭିନ୍ନ ସ୍ଥାନ ବୁଲି ପାଟ୍ରୋଲିଂ କରୁଛୁ। ଅନ୍ୟପକ୍ଷରେ କଟକ ପୋଲିସ ହାତରେ କିଛି ସିସିଟିଭି ଫୁଟେଜ ଲାଗିଥିବା କୁହାଯାଉଛି। ଏହି ଫୁଟେଜ ସାଇକୋ କିଲରର ନା ଆଉ କାହାର ତାହା ପୋଲିସ ଯାଞ୍ଚ କରୁଛି।

## ବେଆଇନ ନିର୍ମାଣରେ ରୋକ

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ବେଆଇନ ତଥା ଅନାଧିକାର ନିର୍ମାଣକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରଶ୍ରୟ ଦେବ ନାହିଁ। ସରକାରୀ ଏବଂ ସର୍ବସାଧାରଣ ଜାଗାକୁ ଅକ୍ତିଆର କରି ବେଆଇନ୍ ଭାବେ ଏକ ନିର୍ମାଣରେ ଗୁରୁବାର ବିଏମ୍‌ସି କର୍ତ୍ତୃପକ୍ଷ ରୋକ୍ ଲଗାଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅଧୀନ ଶୈଳଶ୍ରୀବିହାର ଅଞ୍ଚଳରେ ଥିବା ୨ ଏଲ୍.ସି. କ୍ୱାର୍ଟର୍ସ (୧୨୦/୧ ଏବଂ ୧୨୦/୧୩)କୁ ନାଲି ଫିତା ଦେଇ ସିଲ୍ କରିଛନ୍ତି। ଉଲ୍ଲେଖଥାଉ କି, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ (ଓଡିଏ) ଏ ନେଇ ସ୍ଥାନୀୟ ଚନ୍ଦ୍ରଶେଖରପୁର ଥାନା ଅଧିକାରୀଙ୍କୁ ଗତ ୧୯ ତାରିଖରେ ପତ୍ର ଲେଖିଥିଲେ। ଉକ୍ତ ସ୍ଥାନକୁ ସିଲ୍ କରିବାକୁ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଥିଲେ। ଭୁବନେଶ୍ୱର ମହାନଗର ନିଗମକୁ ମଧ ଏ ସଂକ୍ରାନ୍ତରେ ସହଯୋଗ କରିବାକୁ ଓଡ଼ିଏ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଥିଲେ। ଏହାକୁ ଭିତ୍ତିକରି ବିଏମ୍‌ସି ଉତ୍ତରମଣ୍ଡଳ କାର୍ଯ୍ୟାଳୟରୁ ଏକ ପତ୍ର ଚନ୍ଦ୍ରଶେଖରପୁର ଥାନା ଅଧିକାରୀଙ୍କୁ ଗତ ୨୨ ତାରିଖରେ ଦିଆଯାଇଥିଲା। ନିୟମ ଅନୁସାରେ ପତ୍ର ପାଇ ୩ ଦିନ ମଧ୍ୟରେ ସମ୍ପୃକ୍ତ ଥାନା ଅଧିକାରୀ ପଦକ୍ଷେପ ନେଇଥିଲେ ବୋଲି ବିଏମ୍‌ସି ଉତ୍ତରମଣ୍ଡଳ ଉପ ଆୟୁକ୍ତ ପ୍ରମୋଦ କୁମାର ପୃଷ୍ଟି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟଟି ଗୁରୁବାର ଉଭୟ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ କରାଯାଇଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୨ ମାସ ପୂର୍ବରୁ କ୍ଷେତ୍ର ପରିଦର୍ଶନରେ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଏହି ବେଆଇନ୍ ନିର୍ମାଣର ପ୍ରତ୍ୟକ୍ଷ ସୂଚନା



ମିଳିଥିଲା। ସଙ୍ଗେ ସଙ୍ଗେ ସମ୍ପୃକ୍ତ ଘର ମାଲିକଙ୍କୁ ବେଆଇନ ନିର୍ମାଣ ବନ୍ଦ କରିବାକୁ ବିଭାଗୀୟ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭ୍ରୁକ୍ଷେପ କରି ଘର ମାଲିକ ନିର୍ମାଣ କାର୍ଯ୍ୟ ଜାରି ରଖିଥିଲେ। ତେଣୁ ସର୍ବସାଧାରଣଙ୍କ କଲ୍ୟାଣ ଓ ସରକାରୀ ଜାଗା ଉଦ୍ଧାର ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି। ଏହି ପଦକ୍ଷେପ ଆଗକୁ ମଧ ଚାଲୁ ରହିବ ବୋଲି ବିଏମ୍‌ସି କହିଛି।

## ବର୍ଷାରେ ରାସ୍ତା ଜଳମଗ୍ନ, ଲୋକେ ହନ୍ତସନ୍ତ

**କଟକ ରୋଡ,୨୫।୭(ଡି.ଏନ୍.ଏ.)**

ଲଘୁଚାପଜନିତ ବର୍ଷାରେ ଗୁରୁବାର ସନ୍ଧ୍ୟାରେ କଟକ ରୋଡ ଜଳମଗ୍ନ ହେବା ସହ ଲକ୍ଷ୍ମୀସାଗର, ଚିନ୍ତାମଣିଶ୍ୱର, ଝାରପଡା, ଶାନ୍ତିନଗର ଅଞ୍ଚଳରେ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ନାହିଁ ନ ଥିବା ସମସ୍ୟା ଦେଖାଦେଇଥିଲା। ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିବା ଫଳରେ ଲୋକେ ଯାତାୟତ ଅସୁବିଧା ଭୋଗିଥିଲେ। ଏଭଳି ଅତ୍ୟଧିକ ପାଣି ପ୍ରବାହିତ ହେବା ଫଳରେ ବିଭିନ୍ନ ସ୍ଥାନରେ ଲୋକେ ଅଟକି ରହିଥିଲେ। ବର୍ଷା ସମୟରେ ପାଣି ନିଷ୍କାସନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।



ରାସ୍ତାରେ ଜମିରହିଥିବା ବର୍ଷାପାଣି।

## ଅଡିଟ, ଆକାଉଣ୍ଟସ, ବଜେଟ ବ୍ୟବସ୍ଥା ଉପରେ ଆଲୋଚନା

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସ୍‌ସିଏଲ)ର ୧୩ତମ ବୋର୍ଡ ବୈଠକ ସଚିବାଳୟର ଯୋଜନା ଓ ସମନ୍ୱୟ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶିବ ପ୍ରସାଦ ପାଢ଼ୀ ଏବଂ ଡା. ଶରତ ଆଚାର୍ଯ୍ୟଙ୍କୁ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ତିନିବର୍ଷ ପାଇଁ ମନୋନୀତ କରାଯାଇଛି। ଅଡିଟ, ଆକାଉଣ୍ଟସ ଓ ବଜେଟ ବ୍ୟବସ୍ଥା ଉପରେ



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଏଥିରେ ବିଶେଷ ଭାବେ ଆଲୋକପାତ କରାଯାଇଥିବା ବେଳେ ବିଏସ୍‌ସିଏଲ ଚଳିତବର୍ଷ ୪୯୫.୫୦ କୋଟି ଟଙ୍କାର ଖର୍ଚ୍ଚ ଆକଳନ କରିଛି। କର୍ପୋରେଟ ଗଭର୍ନାନ୍ସ ଉପରେ ବିଏସ୍‌ସିଏଲ ଚଳିତଥର ଅଧିକ ଗୁରୁତ୍ୱ ଦେବା ସହ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଭୁବନେଶ୍ୱରର ଭିନ୍ନ ଏକ ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷମାନେ ଉଲ୍ଲେଖ କରିଛନ୍ତି।

**ବିଏସ୍‌ସିଏଲର ବୋର୍ଡ ବୈଠକ**

ଏଥିରେ ଅନ୍ୟମାନଙ୍କ ମଧରେ ଅର୍ଥ ସଚିବ ଅଶୋକ କେ.କେ. ମିନା, ନଗର ଉନ୍ନୟନ ସଚିବ ଜି ମାଥିଭାଥାନଂ, ଶକ୍ତି ସଚିବ ହେମନ୍ତ ଶର୍ମା, ପୋଲିସ କମିଶନର ସତ୍ୟଜିତ ମହାନ୍ତି, ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଗିରିଶ ଏସ୍ ଏନ୍, ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରେମ କୁମାର ଝା, ସ୍ୱାଧୀନ ନିର୍ଦ୍ଦେଶକ ଶିବ ପ୍ରସାଦ ପାଢ଼ୀ, ଡା. ଶରତ କୁମାର ଆଚାର୍ଯ୍ୟ, ପ୍ରଫେସର ପଦ୍ମଜା ମିଶ୍ର ଏବଂ ବିଏସ୍‌ସିଏଲର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମଚନ୍ଦ୍ର ଚୌଧାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୬/୨୦୧୯ Bhubaneswar, Friday, July 26/ 2019




■ ରେଳ ଷ୍ଟେଶନ ଅପରିଷ୍କାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

## ୨ଲକ୍ଷ ୮୭ ହଜାର ୩୦୦ ଜରିମାନା ଆଦାୟ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ଭାରତୀୟ ରେଳବାଇ ଏବେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଛି। ଷ୍ଟେଶନରୁ ନେଇ ରେଳ ଡବା ଭିତର ବାହାର ସବୁ ପରିଷ୍କାର ରଖିବା ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ବିଭାଗ ଷ୍ଟେଶନକୁ ଅପରିଷ୍କାର କରୁଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଚଳିତ ବର୍ଷ ଜାନୁୟାରୀରୁ ଜୁନ୍ ଭିତରେ ଆରପିଏଫ୍‌ଠାରୁ ମିଳିଥିବା ଏକ ତଥ୍ୟରେ ଷ୍ଟେଶନ ପରିସର ତଥା ବଗି ଭିତରକୁ ଅପରିଷ୍କାର କରୁଥିବା ୨୬୮୪ ଜଣ ଲୋକଙ୍କଠାରୁ ୨ ଲକ୍ଷ ୮୭ ହଜାର ୩୦୦ ଟଙ୍କା ଜରିମନା ଆଦାୟ କରିଛି। ଯେଉଁଥିରେ ସର୍ବନିମ୍ନ ଛେପ ପକାଇବାଠାରୁ ନେଇ, ପଲିଥିନ ଓ ଅନ୍ୟାନ୍ୟ ମଇଳା ପକାଇବା ଅନ୍ତର୍ଭୁକ୍ତ। ଚଳିତ ବର୍ଷ ଜାନୁୟାରୀରୁ ଜୁନ୍ ମାସ ଭିତରେ ରେଲୱେ ଅଧିନିୟମରେ ଭିନ୍ନ ଭିନ୍ନ ଅପରାଧରେ ୧୮୭୫ ଜଣ ଦୁର୍ବୃତ୍ତ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୭୯ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତା ମଧ୍ୟରେ ଦୁଇଟି ଛିନ୍‌ତାଇ ମଧ୍ୟ ରହିଛି। ଆର୍‌ପିଏଫ୍‌ର ସ୍ପେଶାଲ ଟାସ୍କଫୋର୍ସ ୪୪ ଜଣ ଦୁର୍ବୃତ୍ତଙ୍କୁ ଧରି ୯ଲକ୍ଷ ୭୧ ହଜାର ୨୮୦ ଟଙ୍କା ମୂଲ୍ୟର ସାମଗ୍ରୀ ଜବତ କରିଛି।




## ମାରଣାସ୍ତ୍ର ଦେଖାଇ ଯୁବକଙ୍କୁ ଅପହରଣ

### ପୂର୍ବ ଶତ୍ରୁତା ସନ୍ଦେହ

**ପୁରୀ ଅଫିସ, ୨୫।୭**

ପୁରୀ ସଦର ଥାନା ଅଧୀନ ଗଡଭିଙ୍ଗୁରା ଛକରୁ ବୁଧବାର ଜଣେ ଯୁବକଙ୍କୁ ଅପହରଣ କରି ନିଆଯାଇଛି। ସେ ହେଲେ ନୂଆଗାଁର ଅଜୟ ବେହେରା। ଗୁରୁବାର ବାଲିଘାଇ ଫାଣ୍ଡି ଏବଂ ସଦର ଥାନାରେ ଏ ନେଇ ପୃଥକ ଭାବେ ୨ଟି ଅଭିଯୋଗ ହୋଇଛି। ଥାନାରେ ଅଜୟଙ୍କ ବାପା ସିନ୍ଧୁ ବେହେରା ଏବଂ ଫାଣ୍ଡିରେ ତାଙ୍କ ସାଙ୍ଗ ନବଘନ ସ୍ୱାଇଁ ଏତଲା ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି।

ଉଭୟଙ୍କ ଅଭିଯୋଗରେ ଦର୍ଶାଯାଇଛି, ଗତ ୨୪ତାରିଖରେ ଅଜୟ ଓ ନବଘନ ଏକ ବାଇକ ଯୋଗେ କୌଣସି କାମରେ ପୁରୀ ଯାଇ ଘରକୁ ଫେରୁଥିଲେ। ବୁଧବାର ଅପରାହ୍ଣ ପ୍ରାୟ ସାଢେ ୪ଟାରେ ଦୁହେଁ ଗଡ଼ଭିଙ୍ଗୁରା ଛକରେ ଠିଆହୋଇଥିଲେ। ଏହି ସମୟରେ ନୂଆଗାଁର ଅକ୍ଷୟ ଓ ତାଙ୍କ ସହଯୋଗୀ ଦୁଇଟି ବାଇକରେ ଆସି ସେମାନଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ପରେ ଅଜୟଙ୍କୁ ବାଇକ୍ ସହ ଅପହରଣ କରିନେଇଥିଲେ। ନବଘନ ଗ୍ରାମକୁ ଯାଇ ଅଜୟଙ୍କ ପରିବାର ଲୋକଙ୍କୁ ଏହା ଜଣାଇଥିଲେ। ସେମାନେ ଗଇଁଡୋଳ, ଗଡଭିଙ୍ଗୁରା ଆଦି ଗ୍ରାମରେ ଖୋଜାଖୋଜି କରି ନିରାଶ ହେବା ପରେ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଘଟଣା ପରଠୁ ଅଜୟଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ରହିଛି। ଫଳରେ ପରିବାରବର୍ଗ ଚିନ୍ତାରେ ପଡ଼ିଛନ୍ତି। ଅପହରଣକାରୀଙ୍କ କବଳରୁ ପୁଅକୁ ଉଦ୍ଧାର କରିବା ଲାଗି ସେମାନେ ପୋଲିସକୁ ଆକୁଳ ନିବେଦନ କରିଛନ୍ତି। ଏ ନେଇ ତଦନ୍ତ ଜାରିରହିଥିବା ପୋଲିସ କହିଛି। ମିଳିଥିବା ସୂଚନା ଅନୁଯାୟୀ, ଜମିବାଡ଼ିକୁ କେନ୍ଦ୍ରକରି ଅଜୟ (ଅପହୃତ) ଓ ଅକ୍ଷୟ (ଅପହରଣକାରୀ)ଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗିରହିଛି। କୌଣସି ଏକ ଘଟଣାରେ ଅଜୟ ଜେଲ୍ ଯାଇ ଜାମିନରେ ଆସିଥିଲେ। ଏହାପରେ ଅଜୟ ଓ ଅକ୍ଷୟ ମୁହାଁମୁହିଁ ହୋଇଥିଲେ।

## ଖୁବ୍‌ଶୀଘ୍ର ଆସିବ ସ୍ୱାସ୍ଥ୍ୟନୀତି : ମନ୍ତ୍ରୀ

■ ବିଭାଗୀୟ ଖର୍ଚ୍ଚଦାବି ଆଲୋଚନା
■ ବ୍ୟୟ ଅଟକଳ ୬୮୦୨,୧୨,୦୩,୦୦୦ ଟଙ୍କା

**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

ରାଜ୍ୟ ପାଇଁ ଖୁବ୍‌ଶୀଘ୍ର ନୂଆ ସ୍ୱାସ୍ଥ୍ୟନୀତି ଆସିବ। ରାଜ୍ୟରେ ୨୦୦୦ ନୂଆ ଡାକ୍ତରୀ ପଦବୀ ସହ ୧୫,୦୦୦ ପାରା ମେଡିକାଲ ଷ୍ଟାଫ ପଦବୀ ସୃଷ୍ଟି କରାଯିବ। କିଛି ମାସ ପରେ ରାଜ୍ୟରେ ଡାକ୍ତର ଅଭାବ ଦେଖାଯିବ ନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ ସମସ୍ତ ପଦକ୍ଷେପ ନିଆଯାଉଥିବା ବିଭାଗୀୟ ମନ୍ତ୍ରୀ ନବ ଦାସ କହିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ସମୟରେ ମନ୍ତ୍ରୀ ବିଧାନସଭାରେ ଏହି କଥା କହିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇ ସାରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ନବ କହିଛନ୍ତି ଯେ, ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ କରାଯିବ। ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ଲୋକମାନେ ମଧ୍ୟ ରାଜ୍ୟର ସ୍ୱାସ୍ଥ୍ୟସେବା ଉପରେ ନିର୍ଭରଶୀଳ। ରାଜ୍ୟ ବାହ୍ୟ ଚିକିତ୍ସା ପଞ୍ଜୀକରଣରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟରୁ ମ୍ୟାଲେରିଆ ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସମେତ ଏକାଧିକ ସଂସ୍ଥା ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ରାଜ୍ୟର ୭ଟି ଭେଷଜ ମହାବିଦ୍ୟାଳୟରେ ଉନ୍ନତ ମାନର ଚିକିତ୍ସା ମଧ୍ୟ ଯୋଗାଇ ଦିଆଯାଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ମୋଟ ୬୮୦୨,୧୨,୦୩,୦୦୦ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ମନ୍ତ୍ରୀ ଦାସ ସୂଚନା ଦେଇଛନ୍ତି।

ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ବହୁ ବିଧାୟକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ଭାଜପା ବିଧାୟକ ଦଳ ଉପନେତା ବିଷ୍ଣୁ ସେଠୀ କହିଥିଲେ ଯେ, ରାଜ୍ୟରେ ୩୧୩୩ ଡାକ୍ତର ପଦବୀ ଖାଲି ରହିଛି। ଅନେକ ଘରୋଇ ହସ୍ପିଟାଲ ଟଙ୍କା ପାଇଁ ଶବ ଅଟକାଇ ରଖୁଛନ୍ତି। ରାଜ୍ୟ ସରକାର ଆୟୁଷ୍ମାନ୍ ଯୋଜନା ଲାଗୁ କରନ୍ତୁ। ସାଧାରଣ ଟେଷ୍ଟ ମାଧ୍ୟମରେ ଗରିବ ଲୋକମାନଙ୍କୁ ଲୁଟ୍ କରାଯାଉଛି। ବିଧାନସଭା ପରିସର ଭିତରେ ଭଲ ଡାକ୍ତର ଏବଂ ସ୍ୱାସ୍ଥ୍ୟ ସହାୟକମାନଙ୍କ ବ୍ୟବସ୍ଥା କରାଯାଉ ବୋଲି ବିଷ୍ଣୁ କହିଥିଲେ। କଂଗ୍ରେସ ବିଧାୟକ ସୁର ରାଉତରାୟ କହିଥିଲେ, କ୍ୟାପିଟାଲ ହସ୍ପିଟାଲର ବେଡ୍ ସଂଖ୍ୟା ବୃଦ୍ଧି କରାଯାଉ। ଏହାକୁ ମେଡିକାଲ କଲେଜରେ ପରିଣତ କରାଯାଉ। ସେହିପରି ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତ କହିଛନ୍ତି, ବାଲେଶ୍ୱର ମେଡିକାଲରେ ସବୁ ସମୟରେ ଡାକ୍ତର ରହୁନାହାନ୍ତି। ରାତି ହେଲେ କଟକ ରେଫର କରାଯାଉଛି। ହସ୍ପିଟାଲର ପରିବେଶ ଅସ୍ୱାସ୍ଥ୍ୟକର ରହୁଥିବା ସେ କହିଛନ୍ତି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଡାକ୍ତରଖାନାରେ ଡାକ୍ତର ଅଭାବ ରହୁଛି। ଡାଏଲିସିସ୍ ତଥା ଅନ୍ୟାନ୍ୟ ପରୀକ୍ଷା ହୋଇ ପାରୁ ନାହିଁ। ସାମାନ୍ୟ ରୋଗ ହେଲେ ବ୍ରହ୍ମପୁର କିମ୍ବା କଟକ ଯିବାକୁ କୁହାଯାଉଛି ବୋଲି ତାରା କହିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀର ମେଡିକାଲ କଲେଜର ଦୁରବସ୍ଥା ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମର ପ୍ରସାଦ ଶତପଥୀ, ପ୍ରତାପ କେଶରୀ ଦେବ, ପ୍ରମୋଦ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ଧ୍ରୁବ ଚରଣ ସାହୁ, ମନୋହର ରନ୍ଧାରୀ, ଚକ୍ରମଣି କଅଁର, ବୁଢାନ ମୁର୍ମୁ, ଶାରଦା ନାୟକ ଏବଂ ଭାସ୍କର ମଢ଼େଇ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଓଭରବ୍ରିଜ ଉପରେ କାର୍ ଧକ୍କାରେ ଛାତ୍ର ମୃତ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ):** ନୟାପଲ୍ଲୀ ଥାନା ଅନ୍ତର୍ଗତ ଇସ୍କନ ମନ୍ଦିର ସମ୍ମୁଖ ଓଭରବ୍ରିଜ୍ ଉପରେ ଏକ କାର୍ ଧକ୍କାରେ ସ୍କୁଟିରେ ଯାଉଥିବା ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଜଧାନୀ କଲେଜ ଛାତ୍ର ଶାସ୍ତ୍ରୀନଗର ଅଞ୍ଚଳର ନିର୍ମଳ ଦାସ। ଏଥିରେ ତାଙ୍କ ସାଙ୍ଗ ଆଶୁତୋଷ ପାଲ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଫସଲବୀମା କର୍ମଶାଳା

**ବାଙ୍କୀ,୨୫।୭(ବି.ପ୍ର):** ବାଙ୍କୀ ଡମପଡା ବ୍ଲକର ଅଗ୍ରଣୀ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ସାମିଲ କରିବା ପାଇଁ ବୁଧବାର ଏକ ଜନସଚେତନତା କର୍ମଶାଳା ଡମପଡ଼ା ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରିଲାୟନ୍ସ ଜୀବନ ବୀମା ପକ୍ଷରୁ ଏହି ଯୋଜନା ସମ୍ପର୍କରେ ଜନଜାଗରଣ ସୃଷ୍ଟି କରାଯାଇଛି । ମୁଖ୍ୟଅତିଥି ଭାବେ ତହସିଲଦାର ଶ୍ରୀମତୀ ଇନ୍ଦିରା ସାହୁ ଓ ସମ୍ମାନିତ ଅତିଥି ଭାବେ ସହକାରୀ କୃଷି ଅଧିକାରୀ ଗଣେଶ୍ୱର ରଥ, ବି.ପି ରୋଜାଲିନ ଓ ସହକାରୀ ଉଦ୍ୟାନ ଅଧିକାରୀ ସୁବାଷ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଚାଷୀଙ୍କ ଉନ୍ନତି, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ଲକ୍ଷ ସମ୍ପର୍କରେ ଆଲୋଚନା କରିଥିଲେ । ବୀମା କରଣର ଧାର୍ଯ୍ୟ ସମୟ, ବୀମାରାଶି ଦେୟ ଓ ଆବଶ୍ୟକ ଜ୍ଞାନକୌଶଳ ସମ୍ପର୍କରେ ରିଲାୟନ୍ସ କମ୍ପାନୀର ଡମପଡା ବ୍ଲକ ସଂଯୋଜକ ପ୍ରଦୀପ କୁମାର ସେଠୀ ସୂଚନା ଦେଇଥିଲେ । ଏଥିରେ କୃଷି କର୍ମଚାରୀ, କୃଷକ ସାଥୀ,ରାଜସ୍ୱ ନିରୀକ୍ଷକ ଓ ତହସିଲ କାର୍ଯ୍ୟାଳୟ କର୍ମଚାରୀମାନେ ଯୋଗଦେଇଥିଲେ।

### ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

**ସାଲେପୁର, ୨୫।୭ (ଡ଼ି.ଏନ୍.ଏ):** ସାଲେପୁର ବ୍ଲକ୍ ଅଧୀନ ରାମେଶ୍ୱର ପଞ୍ଚାୟତ ଦୁର୍ଗାପୁରଠାରେ ଅବସ୍ଥିତ ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର ପରିସରରେ ଗୁରୁବାର ଏକ ନିଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାମେଶ୍ୱର, ନରଦା, ମାଳ, ରାମକୃଷ୍ଣପୁର ଆଦି ପଞ୍ଚାୟତର ବହୁ ଚକ୍ଷୁରୋଗୀ ଚକ୍ଷୁ ଚିକିତ୍ସା କରିଥିଲେ। ଉଲ୍ଲାସ ଚନ୍ଦ୍ର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୋଟାରୀ କ୍ଲବ ସହାୟତାରେ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଯୁଧିଷ୍ଠିର ସାମଲ, କିଶୋର ଚନ୍ଦ୍ର ବିଶୋଇ, ପ୍ରମୋଦ ଦଳାଇ, ଅରଣ୍ୟା ବେହେରା, ମହେନ୍ଦ୍ର ନାୟକ, ସୁଧାଂଶୁ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

### ଜନ ଶିକ୍ଷଣ ସଂସ୍ଥା ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ

**ଫୁଲନଖରା,୨୫।୭(ଡି.ଏନ୍.ଏ.):** ଜନ ଶିକ୍ଷଣ ସଂସ୍ଥା ପକ୍ଷରୁ କଟକ ସଦର ବ୍ଲକ ଆମଣ ପଞ୍ଚାୟତରେ ଗୁରୁବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଥିଲା। ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୧୦୦ରୁ ଉର୍ଦ୍ଧ୍ୱ ସଦସ୍ୟା ଓ ସିଲେଇ ଶିକ୍ଷା ନେଉଥିବା ୪୦ଜଣ ଯୁବତୀ ପରିବେଶକୁ ସୁରକ୍ଷିତ ରଖିବା ବାର୍ତ୍ତା ନେଇ ଆମଣ ଗ୍ରାମ ପରିକ୍ରମା କରିଥିଲେ। ଏହା ପରେ ଏକ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜନ ଶିକ୍ଷଣ ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ରମାକାନ୍ତ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର, ସରପଞ୍ଚ ପୁନାନନ୍ଦ ଭୋଇ, ବିପ୍ରଚରଣ ଭୋଳ, କଟକ ସଦର ବିଜେଡି ମହିଳା ସଭାନେତ୍ରୀ କବିତା ଦାସ, କନକ ମିଶ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶେଷରେ ସମ୍ବିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ■ କେନାଲରେ ପାଣି ଆସୁ ନ ଥିବାରୁ ବଢ଼ୁଛି ସମସ୍ୟା

# ଶୁଖିଗଲାଣି ୭୦ ପ୍ରତିଶତ ତଳି ଘେରା

**ରଘୁନାଥପୁର,୨୫।୭(ଡି.ଏନ୍.ଏ.)**



ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଚାଷ ଜମିକୁ ଯାଇ କୃଷକମାନଙ୍କ ସହ ଆଲୋଚନା କରୁଛନ୍ତି।

■ବର୍ଷକ ଆହାର ନେଇ ଚିନ୍ତାରେ ଚାଷୀ

■ଜଳ ସମ୍ପଦ ବିଭାଗକୁ ଦାୟୀ କଲା ନବନିର୍ମାଣ କୃଷକ ସଂଗଠନ

ଶ୍ରାବଣ ମାସରେ ମଧ୍ୟ ଆଶାନୁରୂପ ବର୍ଷା ନାହିଁ। ଫଳରେ ଚଳିତ ଖରିଫ ଋତୁରେ ଧାନଚାଷ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଞ୍ଚଳରେ ମାଛଗାଁ କେନାଲ ନଂ.୬, ୭ ଓ ୮ରେ ପାଣି ଆସୁ ନ ଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ଏହି ଅଞ୍ଚଳରେ ଅଳ୍ପ କେତେକ ଜମିକୁ ଛାଡ଼ିଦେଲେ ପ୍ରାୟ ୭୦ ପ୍ରତିଶତ ତଳି ଘେରା ଜଳ ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି।

ଧାର୍ଯ୍ୟ ସମୟରେ ଧାନ ଚାଷ ନ ହୋଇପାରିଲେ ବର୍ଷକ ଆହର କିପରି ଯୋଗାଡ଼ କରିବେ ତାହା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଏଥିପାଇଁ ଜଳସମ୍ପଦ ବିଭାଗର କାର୍ଯ୍ୟଦକ୍ଷତା ଓ ଅପାରଗତାକୁ ଦାୟୀ କରିଛି ନବନିର୍ମାଣ କୃଷକ ସଙ୍ଗଠନ। ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି ଯେ, ଖରିଫ ଋତୁରେ କେନାଲରେ ପାଣି ସମସ୍ୟାକୁ ଆଖି ଆଗରେ ରଖି ଯଥେଷ୍ଟ ପୂର୍ବରୁ ଏହାର ପ୍ରତିକାର ପାଇଁ ଜଳସମ୍ପଦ ଓ ଡ୍ରେନେଜ୍ ବିଭାଗକୁ ସତର୍କ କରାଯାଇଥିଲା। କିନ୍ତୁ ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ପରିଣାମ ସ୍ୱରୂପ ଜଳସେଚନ ସୁବିଧା ଥାଇ ମଧ୍ୟ ୬, ୭ ଓ ୮ ନଂ. କେନାଲ ତଥା ଏହାର ଶାଖା ଓ ଉପଶାଖା କେନାଲରେ ପାଣି ଆସୁନାହିଁ। ସଙ୍ଗଠନର କର୍ମକର୍ତ୍ତା ଦେବୀପ୍ରସାଦ ମହାରଣା କହିଛନ୍ତି ଯେ, କେନାଲ ଠିକ୍ ସମୟରେ ସଫେଇ କରାଯାଇନାହିଁ। ବିଭିନ୍ନ ସ୍ଥାନରେ ନିର୍ମିତ ପୋଲ ପାଇଁ କେନାଲ ମଧ୍ୟରେ ମାଟି ପକାଇ ରଖାଯାଇଛି। ସାତପୁରାରୁ ବାହାରିଥିବା ୬ନଂ. ମାଇନର କେନାଲର ୧୨ଟି ରାଜସ୍ୱ ଗ୍ରାମ, ନୂଆଦାରୁ ବାହାରିଥିବା ୭ ନଂ. କେନାଲର ୨୦ଟି ରାଜସ୍ୱ ଗ୍ରାମ ଓ ଶେଖପାଟଣାରୁ ବାହାରିଥିବା ୮ ନଂ. କେନାଲର ୩୦ରୁ ଉର୍ଦ୍ଧ୍ୱ ଗ୍ରାମରେ ମାତ୍ର ୧୦ ପ୍ରତିଶତ ଚାଷ କାର୍ଯ୍ୟ ହୋଇପାରିଛି। ଏ ସମ୍ପର୍କରେ ୬ ଓ ୭ ନଂ. କେନାଲ ଦାୟିତ୍ୱରେ ଥିବା ଏସ୍‌ଡିଓ ଦଳପତି ମଣ୍ଡଳ ଉଭୟ ଚାଷୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଚାଷୀମାନଙ୍କୁ ନେଇ ପାଣି ପଞ୍ଚାୟତ ଗଠନ କରାଯାଇଛି। କେନାଲ ସଫେଇ କାର୍ଯ୍ୟ ପାଣି ପଞ୍ଚାୟତ ଦାୟିତ୍ୱରେ ଥିଲା। ସେମାନେ ସଫେଇ କରିବାରେ ବିଳମ୍ବ କରିବାରୁ ପାଣି ଛାଡ଼ିବାରେ ଡେରି ହେଲା। ସେହିପରି ଦାୟିତ୍ୱରେ ଥିବା ଯନ୍ତ୍ରୀ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରି ନ ଥିବା ଏସ୍‌ଡିଓ ମଣ୍ଡଳ ସ୍ୱୀକାର କରିଛନ୍ତି। ଜଳସମ୍ପଦ ବିଭାଗ ଏକଜିକ୍ୟୁଟିଭ ଇଞ୍ଜିନିୟର ଉମାକାନ୍ତ ମହାନ୍ତି ବ୍ୟାରେଜ୍‌ରୁ ଆବଶ୍ୟକ ମୁତାବକ ପାଣି ଆସୁ ନ ଥିବା ଏବଂ ଏପରି ଅବସ୍ଥା ଲାଗି ରହିଲେ ଆଗାମୀ ଦିନରେ ଉତ୍କଟ ଜଳ ସମସ୍ୟା ଦେଖାଦେବ ବୋଲି ପ୍ରକାଶ କରିଛନ୍ତି। ତେବେ କେନାଲରେ ଛଡ଼ା ଯାଉଥିବା ପାଣିକୁ ଠିକ୍ ଭାବେ ବିନିଯୋଗ କରିବାକୁ ମହାନ୍ତି ପାଣି ପଞ୍ଚାୟତଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ କୃଷକ ସଙ୍ଗଠନ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି।

## ନାବାଳିକାଙ୍କୁ ଅପହରଣ ମାମଲା

# ଅଭିଯୁକ୍ତ ନାବାଳକ ଗଲେ ବାଳ ସୁଧାର ଗୃହ

**ନିଶ୍ଚିନ୍ତକୋଇଲି,୨୫।୭(ସ୍ୱ.ପ୍ର.)**

ନାବାଳିକାଙ୍କୁ ଅପହରଣ ଅଭିଯୋଗରେ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ଗୁରୁବାର ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ସମ୍ପୃକ୍ତ ନାବାଳକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହି ଘଟଣା ଘରେ ଜାଣିଯିବା ପରେ ଉଭୟ ପ୍ରେମୀ ଯୁଗଳ ଗତ ୧୭ ତାରିଖରେ ଫେରାର ହୋଇଯାଇଥିଲେ। ଝିଅକୁ ଅପହରଣ କରାଯାଇଥିବା ଅଭିଯୋଗ କରି ନାବାଳିକାଙ୍କ ବାପା ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ. ୭୪/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ବୁଧବାର ପୋଲିସ ଉଭୟଙ୍କୁ ସମ୍ବଲପୁରସ୍ଥିତ ରେଢାଖୋଲ ରେଳ ଷ୍ଟେସନ ନିକଟରୁ ଉଦ୍ଧାର କରିଥିଲା। ଗୁରୁବାର ଉଭୟଙ୍କ ଡାକ୍ତରୀ ମାଇନା କରାଯାଇ କଟକ ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିଲା। ପରେ ନାବାଳିକାକୁ ତାଙ୍କ ମା'ଙ୍କ ଜିମାରେ ଦିଆଯାଇଥିବାବେଳେ ସମ୍ପୃକ୍ତ ନାବାଳକଙ୍କୁ ଅନୁଗୁଳସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି।

## ■ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

# ପୋଲିସରେ ଅଭିଯୋଗ ନ କରି ମୃତଦେହ ଦାହ

**ଲଳିତଗିରି,୨୫।୭(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ମଧୁପୁର ପଞ୍ଚାୟତ ଅନ୍ତର୍ଗତ ମେରୀପୁର ଗ୍ରାମସ୍ଥିତ ଦୋବନ୍ଧିଆ ରାସ୍ତାର ନାଳି ପୋଲ ନିକଟ ଏକ ଗଛରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପରିବାର ଲୋକେ ଉଦ୍ଧାର କରିଛନ୍ତି। ସେ ହେଲେ ଗ୍ରାମର ଭାଗ୍ୟଧର ବରାଳଙ୍କ ପୁଅ ଚିତ୍ତରଞ୍ଜନ (୨୮)। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପରିବାର ଲୋକେ ଏନେଇ ପୋଲିସରେ ଅଭିଯୋଗ ନ କରି ବିନା ବ୍ୟବଚ୍ଛେଦରେ ମୃତଦେହ ଶ୍ମଶାନରେ ପୋଡ଼ି ଦେଇଛନ୍ତି। ଫଳରେ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ତଦନ୍ତ କରାଗଲେ ପ୍ରକୃତ ଘଟଣା ପଦାକୁ ଆସିପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ନରସିଂହପୁର, ୨୫।୭( ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ସିଧାମୂଳ ବ୍ରିଜ ଉପରେ ଟ୍ରକ ଧକ୍କାରେ ଗୁରୁବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନରସିଂହପୁର ବ୍ଲକ ଅନ୍ତର୍ଗତ ଅଲରା ଗ୍ରାମର ସୌରଭ ଧଳ(୨୭)। ସେ ଭୁବନେଶ୍ୱରରୁ ବାଇକ୍ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯାଇଥିବା ବେଳେ ଟ୍ରକ ଚାଳକ ଖସି ଯିବାକୁ ଉଦ୍ୟମ କରି ତାଙ୍କ ଉପରେ ଗାଡି ଚଳାଇ ଫେରାର ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ସୌରଭଙ୍କ ମୃତ୍ୟୁ ଘଟିଛି। ଖବରପାଇ କାନପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସୁସ୍ମିତା ରଣା ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ଆଠଗଡ, ୨୫।୭(ସ୍ୱ.ପ୍ର.)**

ଆଠଗଡ ବ୍ଲକ ପରିସରରେ ଗୁରୁବାର ପ୍ରଧାନମନ୍ତ୍ରୀ ବାସଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଥିଲେ। ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ୧୧୩୮ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ପକ୍କାଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଜାମ୍ବର ମହାନ୍ତି, ରଞ୍ଜନ ଆଚାର୍ଯ୍ୟ, ରବୀନ୍ଦ୍ରନାଥ ରାଉତ, ସୁନିଲ ପରିଡା ଓ ଜାନକୀଲତା ନାୟକଙ୍କ ସମେତ ବ୍ଲକର ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ, ୨ଗିରଫ

**ଚୌଦ୍ୱାର,୨୫।୭(ଡି.ଏନ୍.ଏ.)**

ଚୌଦ୍ୱାର ପୋଲିସ ଓ ବନ ବିଭାଗ ଗୁରୁବାର ମିଳିତଭାବେ ଚଢ଼ାଉ କରି ଏକ ଚୋରା କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡି ଡ୍ରାଇଭର ଭଦ୍ରକର ରମେଶ ଚନ୍ଦ୍ର ମାଝି ଓ ତିଗିରିଆ ନୂଆପାଟଣାର ଉମେଶ ସ୍ୱାଇଁ। ଜବତ କାଠର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଚୌଦ୍ୱାର ବନପାଳ ଜ୍ୟୋତିରଞ୍ଜନ ମହାପାତ୍ର କହିଛନ୍ତି। ସୂଚନା ଅନୁଯାୟୀ, ନରସିଂହପୁରରୁ ଭଦ୍ରକ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନରେ ଚୋରାକାଠ ଯାଉଥିବା ନେଇ ଚୌଦ୍ୱାର ବନପାଳ ମହାପାତ୍ର ବିଶେଷ ସୂତ୍ରରୁ ଖବର ପାଇଥିଲେ। ଚୌଦ୍ୱାର ଆଇଆଇସି ପଦ୍ମନାଭ ପ୍ରଧାନଙ୍କ ସହିତ ପୋଲିସ୍ ଫୋର୍ସ ନେଇ ବନପାଳ ମହାପାତ୍ର ୫୫ନଂ. ଜାତୀୟ ରାଜପଥର କଜଳଖଣା ଗଡ଼ା ନିକଟରେ ଜଗି ରହିଥିଲେ। ଗାଡ଼ି ଅଟକାଇବାକୁ ଚେଷ୍ଟା କରାଯାଉଥିଲେ ମଧ୍ୟ ଦ୍ରୁତ ଗତିରେ ମଙ୍ଗୁଳି ଆଡ଼କୁ ପଳାଇ ଯାଇଥିଲା। ପୋଲିସ୍ ଟିମ୍ ଏହାର ପିଛା କରି ଥାନା ନିକଟସ୍ଥ ଇମ୍ପା ରେଳ ଲାଇନ୍ ପାଖରେ ଗାଡ଼ିକୁ ଅଟକାଇଥିଲା। ତଲାସି କରିବାରେ ଗାଡ଼ି ଭିତରେ ଚୋରାକାଠ ଥିବା ଜଣାପଡ଼ିଥିଲା । ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ (ନଂ.୫୫/୧୯-୨୦) ମାମଲା ରୁଜୁ ହୋଇଛି।

## ■ ମଦ ବିରୋଧୀ ଅଭିଯାନ

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ



ବଡ଼ମ୍ବା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବଡ଼ମ୍ବା,୨୫।୭(ଡି.ଏନ୍.ଏ.)**

ଚୋରାମଦ କାରବାରକୁ ରୋକିବା, ଚୋରା ମଦ ବ୍ୟବସାୟୀଙ୍କୁ ସାବାଡ୍ କରିବା ପାଇଁ ବଡ଼ମ୍ବା ଥାନା ଅଧୀନ କୋଲେଶ୍ୱର ପଞ୍ଚାୟତର ବଡବାରେଣା ଗ୍ରାମର ମହିଳା ମହାସଂଘର କର୍ମକର୍ତ୍ତାମାନେ ଗୁରୁବାର ଏକତ୍ରିତ ହୋଇଛନ୍ତି। ନିଜ ଗ୍ରାମ ସମେତ ଆଖପାଖ ଗ୍ରାମରୁ ଏହି ମଦ ବ୍ୟବସାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଲାଗି ଗ୍ରାମର ଶତାଧିକ ମହିଳା ମଦ ବିରୋଧୀ ପ୍ଲାକାର୍ଡ ଓ ଠେଙ୍ଗା ହାତରେ ଧରି ଶୋଭାଯାତ୍ରାରେ ଆସି ବଡ଼ମ୍ବା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ କଟକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଅତିରିକ୍ତ ତହସିଲଦାର ସୁରଥ ଚନ୍ଦ୍ର ରାଉତଙ୍କୁ ପ୍ରଦାନ କରିଥିଲେ। ଏହାର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ରାସ୍ତାରେ ନିଆଁ ଜଳିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ ବେଳେ ବଡବାରେଣା ଆଞ୍ଚଳିକ ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ମିନତୀ ବେହେରା, ସମ୍ପାଦିକା ରୀନାପଣ୍ଡା ଓ ସ୍ନିଗ୍ଧାରାଣୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କୋଲେଶ୍ୱର ପଞ୍ଚାୟତ ସରପଞ୍ଚ ଅମୀୟ କୁମାର ପାଣିଗ୍ରାହୀ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ଆମ୍ବେଡକର ଉନ୍ନୟନ ପରିଷଦର ଧାରଣା ପ୍ରତ୍ୟାହୃତ

**କଟକ ସଦର,୨୫।୭(ଡି.ଏନ୍.ଏ.)**

ବେଣ୍ଟକାରସ୍ଥିତ ସେସୁ ସେକ୍ସନ କାର୍ଯ୍ୟାଳୟରେ ସମ୍ମୁଖରେ ଆମ୍ବେଡକର ଉନ୍ନୟନ ପରିଷଦ ପକ୍ଷରୁ ଗତ ସୋମବାର ଠାରୁ ଚାଲିଥିବା ଗଣଧାରଣା ବୁଧବାର ପ୍ରତ୍ୟାହୃତ ହୋଇଛି। ୪୨ମୌଜାର ବିପର୍ଯ୍ୟସ୍ତ ବିଦ୍ୟୁତ୍ ବ୍ୟବସ୍ଥା ଓ ବିଦ୍ୟୁତ୍ ଆଘାତରେ ମୃତ ସୁବ୍ରାଜ ଆଚାର୍ଯ୍ୟଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଏହି ଧାରଣା ଦିଆଯାଇଥିଲା। ୪୨ମୌଜା ବିଦ୍ୟୁତ୍ ସେକ୍ସନର ସହକାରୀ ପରିଚାଳକ ହୃଷୀକେଶ ଦାଶ ଧାରଣାସ୍ଥଳରେ ପହଞ୍ଚି ସେସୁ କର୍ତ୍ତୃପକ୍ଷଙ୍କ ଏକ ଚିଠି ପରିଷଦ କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଥିଲେ। ଏଥିରେ ଅଗଷ୍ଟ ୩୧ ସୁଦ୍ଧା ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଧାରିବା, ଅଧିକ ସଂଖ୍ୟକ ଷ୍ଟାଫ ଦେବା, ଦାୟିତ୍ୱ ତୁଲାଉ ନ ଥିବା କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରିବା ଆଦି ଦାବି ପୂରଣର ପ୍ରତିଶ୍ରୁତି ଦିଆଯାଇଥିବା ଉନ୍ନୟନ ପରିଷଦ ସଭାପତି ଅଜୟ କୁମାର ପତି କହିଛନ୍ତି। ପ୍ରଭାତ ଖଟୁଆ, ପ୍ରାଣକୃଷ୍ଣ ଭୋଇ, ବିଳାସିନୀ ଭୋଇ, ନିର୍ମଳା ସାମଲ ପ୍ରମୁଖ ଏହି ଧାରଣାର ନେତୃତ୍ୱ ନେଇଥିଲେ।

## ଦ୍ୱିତୀୟ ଦିନରେ ଏନ୍‌ଏଲ୍‌ୟୁ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**କଟକ ଅଫିସ,୨୫।୭**

ବିଭିନ୍ନ ଦାବି ନେଇ କଟକ ଜିଲା ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ)ର ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଆଇନ ବିଶ୍ୱବିଦ୍ୟାଳୟରେ ପାଠାଗାର, ଛାତ୍ରୀ ନିବାସ କାର୍ଯ୍ୟ ସରି ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ନୂତନ ଛାତ୍ରୀଛାତ୍ରମାନଙ୍କ ପାଇଁ ଫି'ରେ ୩୦ହଜାର ଟଙ୍କା ବୃଦ୍ଧି କରାଯାଇଛି। ଅଧ୍ୟାପକଙ୍କ ଦକ୍ଷତା ନିର୍ଣ୍ଣୟ ପରୀକ୍ଷା ଫଳାଫଳ ଏ ପର୍ଯ୍ୟନ୍ତ ବାହାରି ନାହିଁ। ଫନୀରେ କ୍ଷତିଗ୍ରସ୍ତ ହୋଇଥିବା କ୍ରୀଡ଼ା ଭିତ୍ତିଭୂମିରେ ଏପର୍ଯ୍ୟନ୍ତ ସୁଧାର ଆସି ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଗୁରୁବାର କୁଳପତି ଶ୍ରୀକ୍ରୀଷ୍ଣା ଦେବାରାଓ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନର ବାଟ ବାହାରି ନାହିଁ। କିଛି ଦାବି ପୂରଣ ନିମନ୍ତେ ଆଶ୍ୱାସନା ମିଳୁଥିଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

## ■ ବିଦ୍ୟୁତ୍ ଷ୍ଟ୍ରକ୍ଚରର ଶିଳାନ୍ୟାସକୁ ୪ ବର୍ଷ ବିତିଲା, ଲାଇନ ସଂଯୋଗ ନାହିଁ

# ଉନ୍ନତମାନର ବିଦ୍ୟୁତ୍ ସେବାରୁ ବଞ୍ଚିତ ବହୁ ଉପଭୋକ୍ତା

**ନିଶ୍ଚିନ୍ତକୋଇଲି,୨୫।୭(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ ଅନ୍ତର୍ଗତ କେନ୍ଦିଲୋ ଗ୍ରାମରେ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଷ୍ଟ୍ରକ୍ଚର ନିର୍ମାଣ ପାଇଁ ହୋଇଥିବା ଶିଳାନ୍ୟାସକୁ ୪ବର୍ଷ ଉର୍ଦ୍ଧ୍ୱ ଅତିକ୍ରାନ୍ତ କରିଛି। ମାତ୍ର ୭ କିଲୋମିଟର ଦୂରରେ ଥିବା ଷ୍ଟ୍ରକ୍ଚର ପାଖରୁ ନିର୍ମାଣଧୀନ ଷ୍ଟ୍ରକ୍ଚର ପର୍ଯ୍ୟନ୍ତ ୩୩/୧୧ କେଭି ତାର ପହଞ୍ଚିବାରେ ବିଳମ୍ବ ହେବା ଯୋଗୁ ଅଦ୍ୟାବଧି ଏହା କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଫଳରେ ବ୍ଲକର ୧୧ ହଜାରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉନ୍ନତ ମାନର ବିଦ୍ୟୁତ୍ ସେବା ପାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ଅସୁରେଶ୍ୱର ପଞ୍ଚାୟତରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଷ୍ଟ୍ରକଚର ନ ଥିବାରୁ କେନ୍ଦ୍ରାପଡ଼ା ଜିଲାର ଦାନପୁର ଇଲେକ୍ଟ୍ରିକ ସବ୍‌ଷ୍ଟେସନରୁ ୧୧ କେଭି ତାର ଜରିଆରେ ବିଦ୍ୟୁତ୍ ଲାଇନ୍ ଅଣାଯାଇଥିଲା। ମାତ୍ର ଏଥିଯୋଗୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକେ ଠିକ୍ ଭାବେ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଦାନପୁର ଇଲେକ୍ଟ୍ରିକ ସବଷ୍ଟେସନ କେନ୍ଦ୍ରାପଡା ଇଲେକ୍ଟ୍ରିକାଲ ଡିଭିଜନ ଅଧୀନରେ ଥିବାବେଳେ ଏହି ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ସାଲେପୁର ଇଲେକ୍ଟ୍ରିକାଲ ଡିଭିଜନକୁ ବିଦ୍ୟୁତ୍ ଶୁଳ୍କ ପ୍ରଦାନ କରୁଛନ୍ତି । ଏହି ୨ ବିଦ୍ୟୁତ୍ ଡିଭିଜନ ମଧ୍ୟରେ ତାଳମେଳ ଠିକ ରହୁ ନ ଥିବାରୁ ଅସୁରେଶ୍ୱର ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ବିଦ୍ୟୁତ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ପ୍ରତିଦିନ ଲୋ ଭୋଲଟେଜ୍ ସାଙ୍ଗକୁ ବାରମ୍ବାର ବିଦ୍ୟୁତ୍ ଯୋଗାଣ ସେବାରେ ବ୍ୟାଘାତ ଘଟୁଛି। ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଅସୁରେଶ୍ୱର ଅଞ୍ଚଳବାସୀ ୨୦୦୭ରେ ତତ୍କାଳୀନ ଶକ୍ତି ମନ୍ତ୍ରୀଙ୍କୁ ଦରଖାସ୍ତ କରିଥିଲେ । ଏହି ଦରଖାସ୍ତକୁ ସେତେବେଳେ ମାହାଙ୍ଗା ବିଧାୟକ ବିକ୍ରମ କେଶରୀ ବର୍ମା, ତତ୍କାଳୀନ କିଶନ ନଗର ବିଧାୟକ ପ୍ରତାପ ଜେନା, ପାଟକୁରା ବିଧାୟକ ଅତନୁ ବ୍ୟସାଚୀ ନାୟକ ଓ ସାଲେପୁର ବିଧାୟକ କାଳିନ୍ଦୀ ବେହେରା ଅନୁମୋଦନ କରିଥିଲେ। ଜନସାଧାରଣଙ୍କ ଏହି ଆବେଦନକୁ ଭିତ୍ତି କରି ଓପିଟିସିଏଲ୍ ଦ୍ୱାରା ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ ଥିଲା। ଗୁପ୍ତା ଇଞ୍ଜିନିୟରିଂ କମ୍ପାନୀକୁ କାର୍ଯ୍ୟ କରିବା ନିମନ୍ତେ ଠିକା ଦିଆଯାଇଥିଲା। ଗତ ୨୦୧୪ ଫେବୃୟାରୀ ୨୦ରେ କେନ୍ଦିଲୋ ଗ୍ରାମରେ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ବିଦ୍ୟୁତ୍ ଷ୍ଟ୍ରକଚରର ଶିଳାନ୍ୟାସ ହୋଇଥିଲା। ଏଥିସହ ଦାନପୁରରୁ ଅସୁରେଶ୍ୱର ଷ୍ଟ୍ରକଚର ପର୍ଯ୍ୟନ୍ତ ୩୩/୧୧କେଭି ଲାଇନ ପାଇଁ ଏଚ୍ ପୋଲି ପକାଇବା ବାଧ୍ୟତାମୂଳକ କରାଯାଇଥିଲା। ମାତ୍ର ମଝିରେ ମଝିରେ ପୁରୁଣା ପୋଲ ଜରିଆରେ ଏହି ଲାଇନ୍ ଅଣାଯାଉଥିବା ଅଭିଯୋଗ ହୋଇଥିଲା। ଏହି ଲାଇନ ଅଣାଯିବା କାର୍ଯ୍ୟ ଚାଲୁଥିବା ବେଳେ ୨୦୧୭ ମସିହାରେ ଅସୁରେଶ୍ୱର ପ୍ରସିଦ୍ଧ ଦାଣ୍ଡଯାତ୍ରା ବେଳେ ବାଣରୁ ନିଆଁ ଲାଗି ୬ ଗୋଟି ପ୍ୟାନେଲ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା। କମ୍ପାନୀ ଧିରେ ଧିରେ ପୋଡିଯାଇଥିବା ପ୍ୟାନେଲ ଗୁଡିକୁ ବଦଳାଇ ନୂତନ ପ୍ୟାନେଲ ବସାଇଥିଲା। ମାତ୍ର ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଅସୁରେଶ୍ୱରଠାରେ ୩୩/୧୧ କେଭି ଲାଇନ ସିଧା ସଳଖ ଯିବା ନିମନ୍ତେ ବିସ୍ତୀର୍ଣ୍ଣ ସରକାରୀ ଗୋଚର ଜମି ରହିଥିବା ବେଳେ କେନ୍ଦିଲୋ ଗ୍ରାମର ବଜାର ମଧ୍ୟ ଦେଇ ଏହି ଲାଇନ୍‌କୁ ନିଆଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେତେଜଣ ବ୍ୟକ୍ତିଙ୍କ ମାଲିକାନାରେ ଥିବା ଜମି ଉପର ଦେଇ ଏହି ଲାଇନ୍ ନିଆଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଉଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ଜନଗହଳି ପୂର୍ଣ୍ଣ ରାସ୍ତାଦେଇ ଗଲେ ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି ବୋଲି ସେମାନେ ଅଭିଯୋଗ କରି ପ୍ରତିବାଦ କରିଛନ୍ତି। ଫଳରେ କାର୍ଯ୍ୟ ଅଧାରୁ ବନ୍ଦ ରହିଛି।



ଅସୁରେଶ୍ୱରସ୍ଥିତ କେନ୍ଦିଲୋ ଗ୍ରାମରେ ନିର୍ମାଣ ହୋଇଥିବା ବିଦ୍ୟୁତ୍ ଷ୍ଟ୍ରକ୍ଚର।

ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବିଦ୍ୟୁତ ଉପଖଣ୍ଡ ସହକାରୀ ଯନ୍ତ୍ରୀ ମାନସ ମହାନ୍ତି କୁହନ୍ତି ଷ୍ଟ୍ରକଚର କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। କେବଳ ୩୩/୧୧ କେଭି ତାର ଟଣାଗଲେ ଏହା କାର୍ଯ୍ୟକାରୀ ହେବ। ଏହା କାର୍ଯ୍ୟକ୍ଷମ ହେଲେ ଲୁଣା-ଚିତ୍ରୋତ୍ପଳା ଦ୍ୱିପାଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ମିଳିପାରିବ। କିନ୍ତୁ ୩୩/୧୧ କେଭି ସମ୍ପନ୍ନ ବିଦ୍ୟୁତ୍ ଖୁଣ୍ଟ ପକାଇବା ସମୟରେ ବିରୋଧ ହୋଇଥିବାରୁ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ଜୁଲାଇ, ୨୦୧୯



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଚାଷଜମିରେ ବିଦ୍ୟୁତ୍ ଖୁଣ୍ଟ, ତାର: ଗ୍ରାମବାସୀଙ୍କ ବିରୋଧ

**ଜଟଣୀ,୨୫।୭(ଡି.ଏନ.ଏ.):** ନିର୍ମାଣାଧୀନ ନିଜ ପ୍ରୋଜେକ୍ଟକୁ ବିଦ୍ୟୁତ୍ ସଂଯୋଗ ନେବା ପାଇଁ ଜନୈକ ବିଲ୍ଡର ଶତାଧିକ ଏକର ଜଳସେଚିତ ଚାଷଜମି ଉପରେ ବିପଦସଙ୍କୁଳ ଭାବେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଟାଣିବା ଓ ଖୁଣ୍ଟ ପୋତିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଜଟଣୀ ବ୍ଲକ ପଞ୍ଚୁପଲ୍ଲୀ ପଞ୍ଚାୟତର ବ୍ରହ୍ମକୁଣ୍ଡଳ ଗ୍ରାମ ଚାଷଜମିରେ ବିଲ୍ଡରଙ୍କ ଏପରି କାର୍ଯ୍ୟ ବିରୋଧରେ ଗ୍ରାମବାସୀ ଗୁରୁବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। କାହାର ଅନୁମତି ନ ନେଇ ସମ୍ପୃକ୍ତ ବିଲ୍ଡର ସଂସ୍ଥା ଚାଷଜମିରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ସହ ଉପରେ ୧୧ କେଭି କ୍ଷମତାସମ୍ପନ୍ନ ତାର ଟାଣିବାକୁ ଅନେକ ବିରୋଧ କରିଥିଲେ। ବିରୋଧ ସତ୍ତ୍ୱେ ବିଲ୍ଡର ସଂସ୍ଥା ଏହାକୁ ବେଖାତିର କରି ବିଦ୍ୟୁତ୍ ତାର ଟାଣୁଥିବା ଗ୍ରାମର ଶଶାଙ୍କ ଶେଖର ଜେନା, ତପନ କୁମାର ଜେନା ଓ ଅନେକ ଚାଷୀ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରି ଏପରି ବେନିୟମ କାର୍ଯ୍ୟକୁ ବନ୍ଦ କରିବାକୁ ଜିଲାପାଳଙ୍କୁ ସେମାନେ ଅନୁରୋଧ କରିଛନ୍ତି।

### ପାରିବାରିକ ଗଣ୍ଡଗୋଳ ଦୁଇ ସମୁଦି ଗିରଫ

**ବେଗୁନିଆ, ୨୫।୭(ଡି.ଏନ.ଏ.):** ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଦେଉଳି ଗ୍ରାମରେ ବୁଧବାର ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ସାତ ପୁରୁଷକୁ ବନ୍ଧୁ ବାନ୍ଧି ୨ ସମୁଦି ପୋଲିସ ହାତରେ ଗିରଫ ହୋଇ କୋର୍ଟ ଯିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଦେଉଳି ଗ୍ରାମର ସନ୍ତୋଷ ସାହୁଙ୍କ ପୁଅ ସୋମନାଥ ସେହି ଗାଁର ରବି ମାର୍ଥାଙ୍କ କନ୍ୟା ସୋନାଲିଙ୍କୁ ବିବାହ କରିଥିଲେ। ମାତ୍ର ବିବାହର କିଛିବର୍ଷ ପରେ ଉଭୟ ପରିବାର ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଉଭୟ ପରିବାର ଆପୋସ ସମାଧାନ ପାଇଁ ବୁଧବାର ଗାଁ ଭଦ୍ରଲୋକଙ୍କ ଉପସ୍ଥିତିରେ ବୈଠକ ବସିଥିଲା। ମାତ୍ର ସେଠାରେ ୨ ସମୁଦି ରବି ଏବଂ ସନ୍ତୋଷଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଉଭୟପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୦୩/୧୦୪/୧୯ରେ ୨ଟି ମାମଲା ରୁଜୁ କରିଥିଲା। ଏହି ଘଟଣାରେ ପୋଲିସ ରବି ଏବଂ ତାଙ୍କ ସମୁଦି ସନ୍ତୋଷଙ୍କ ସହ ଭାଇ ସୁଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### କ୍ରୀଡ଼ାବିତ୍ ରାଧାଗୋବିନ୍ଦ ଦାସଙ୍କୁ ସମ୍ବର୍ଦ୍ଧନା

**ଖୋର୍ଦ୍ଧା ଅଫିସ,୨୫।୭:** ଓଡ଼ିଶୀ ସଙ୍ଗୀତର ଅନବଦ୍ୟ ଅନୁଷ୍ଠାନ ଆଳାପର ବାର୍ଷିକୋତ୍ସବରେ କ୍ରୀଡ଼ାବିତ୍ ସଂସ୍କୃତିପ୍ରାଣ ରାଧାଗୋବିନ୍ଦ ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଗୁରୁଶ୍ରୀ ନିମାକାନ୍ତ ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସଙ୍ଗୀତାଚାର୍ଯ୍ୟ ଘନଶ୍ୟାମ ପଣ୍ଡା, ବିଶିଷ୍ଟ ସଙ୍ଗୀତଜ୍ଞ ରାମହରି ଦାସ, ଶ୍ରୀରାଧାଗୋବିନ୍ଦ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦାସକଟକ କଳାବିକାଶ କେନ୍ଦ୍ରରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଲାଭ କରିଥିଲେ। ତାଙ୍କ ଦ୍ୱାରା ସଂଗୃହୀତ କଳାତ୍ମକ ବସ୍ତୁକୁ ନେଇ ଖୋର୍ଦ୍ଧାରେ ଏକ ସଂଗ୍ରହାଳୟ ସ୍ଥାପନ କରାଯାଇଛି।

## ■ ଖୋର୍ଦ୍ଧା ପୋଲିସ ଜିଲା

# ଅପରେଶନ କ୍ଲିନ୍ ଆରମ୍ଭ

■ ବେଆଇନ ଖଣି ଓ ନିଶା କାରବାରରେ ଲଗାମ

■ ଲୋକଙ୍କ ଅଭିଯୋଗକୁ ଦିଆଯିବ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୨୫।୭**

ଖୋର୍ଦ୍ଧା ପୋଲିସ ଜିଲାରେ ବେଆଇନ ଖଣି ଓ ନିଶା କାରବାର ବଢ଼ି ଚାଲଥିବା ଅଭିଯୋଗ ହୋଇଆସୁଛି। ଲୋକଙ୍କ ଅଭିଯୋଗ ପରେ ମଧ୍ୟ ପୋଲିସର ପଦକ୍ଷେପ ନାହିଁ। ଅଭିଯୋଗ ଶୀତଳଭଣ୍ଡାରକୁ ଚାଲିଯାଉଛି ବୋଲି ଅଭିଯୋଗ ରହିଛି। ଏପରି ବିଭିନ୍ନ କାରଣକୁ ନେଇ ଖୋର୍ଦ୍ଧା ପୋଲିସ ଜିଲାର ବିଭିନ୍ନ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଏଭଳିସ୍ଥଳେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଗିରଫଦାରି, ଏନ୍‌କାଉଣ୍ଟର, ନିଶା, ଖଣି ଓ କ୍ରଶର ଉପରେ ଚଢ଼ାଉ ପରେ ଲୋକେ ଥାନା, ଅବକାରୀ ବିଭାଗ ଓ ପ୍ରଶାସନ ଥିଲା ପରି ଅନୁଭବ କଲେ ନାହିଁ। ଧୀରେ ଧୀରେ ଲୋକ ପୋଲିସ, ଅବକାରୀ ବିଭାଗ ଓ ପ୍ରଶାସନଠାରୁ ଦୂରେଇବା ଆରମ୍ଭ କଲେ। ଲୋକଙ୍କୁ ଆପଣେଇବାକୁ ଖୋର୍ଦ୍ଧା ପୋଲିସ ଜିଲା ପକ୍ଷରୁ ଆରମ୍ଭ ହୋଇଛି ଅପରେଶନ କ୍ଲିନ। ଏଥିରେ ଅଭିଯୁକ୍ତମାନଙ୍କୁ ଗିରଫ କରି ପୋଲିସ ଲୋକଙ୍କ ନିକଟତର ହେବାକୁ ଉଦ୍ୟମ କରିଛି। ବେଆଇନ ଖଣି ନିଶା କାରବାରରେ ଲଗାମ ଲଗାଇଛି ବୋଲି ସୂଚନା ଦେଇଛି। ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବ ବୋଲି କହିଛି। ଏହି କାର୍ଯ୍ୟ ପୋଲିସ ଆରମ୍ଭ କରିସାରିଛି। କିଛିଦିନ ପରେ ଆଉ ବ୍ରାଉନସୁଗାର ପୁଡିଆ ଖୋଜିଲେ ମିଳିବ ନାହିଁ ବୋଲି କୁହାଯାଇଛି। ଖୁବ୍‌ଶୀଘ୍ର ଲୋକ ଏହାର ସୁଫଳ ନେବେ ବୋଲି ଖୋର୍ଦ୍ଧା ଆଦର୍ଶ ଥାନାରେ ଗୁରୁବାର ଅପରାହ୍ନ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅମୂଲ୍ୟ ଦାସ ଓ ଏସ୍‌ଡିପିଓ ସୁଶିଲ ମିଶ୍ର ସୂଚନା ଦେଇଛନ୍ତି। ଖୋର୍ଦ୍ଧା ପୋଲିସ ଜିଲାରେ ନିଶା ଓ ଆଇନଶୃଙ୍ଖଳାକୁ ଶୃଙ୍ଖଳିତ କରିବାକୁ ଜିଲାପାଳ ବିଭିନ୍ନ ସମୟରେ ବୈଠକ କରିଛନ୍ତି। ପୋଲିସ ପକ୍ଷରୁ ମଧ୍ୟ ଅନୁରୂପ ଭାବେ ବୈଠକ କରାଯାଇଛିବୋଲି କହିଛନ୍ତି। ପୋଲିସର ପଦକ୍ଷେପ ଆରମ୍ଭ ହୋଇଥିବାବେଳେ ଅବକାରୀ ବିଭାଗ ଟେଇଁ ଶୋଇଛି। ଦେଖାଯାଉ ଅବକାରୀ ବିଭାଗ କେବେ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନେଉଛି।



ଖବରଦାତା ସମ୍ମିଳନୀରେ ଏସପି ଓ ଏସଡିପିଓ ।

### ଖବରଦାତାଙ୍କୁ ମିଳୁନି ସୂଚନା

ଖୋର୍ଦ୍ଧା ପୋଲିସ ଜିଲାରେ ହତ୍ୟା, ଆତ୍ମହତ୍ୟା, ବଳାତ୍କାର ପରି ବିଭିନ୍ନ ଆପରାଧିକ ଘଟଣା ଘଟୁଛି। ଏପରିକି ବ୍ରାଉନସୁଗାର କାରବାରରେ ମଧ୍ୟ ପୋଲିସ କେତେଜଣଙ୍କୁ ଗିରଫ କରୁଛି। ତେବେ ଜିଲାର ବିଭିନ୍ନ ଥାନା ଓ ଫାଣ୍ଡି ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦିଆଯାଉନି। ଫୋନ କଲେ ଆଇଆଇସି ଫୋନ ଉଠାଉନାହାନ୍ତି। ଫୋନ ଉଠାଇଲେ କହୁଛନ୍ତି, ମୁଁ ଜାଣିନି ତଦନ୍ତକାରୀ ଅଫିସରଙ୍କୁ ପଚାର। ବଡବଡ ଖବରକୁ ଗୁପରେ ପକାଇ କାମ ଚଳାଇ ଦିଆଯାଉଛି। ଏହା ଫଳରେ ଗଣମାଧ୍ୟମ ପ୍ରତିନିଧିମାନେ ଠିକ୍ ଭାବେ ଖବର ପାଉନାହାନ୍ତି। ଏଭଳି ଅବ୍ୟବସ୍ଥା ଆଗରୁ ହେଉ ନ ଥିଲା ବୋଲି ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଗଣମାଧ୍ୟମର ଅସୁବିଧାକୁ ହୃଦୟଙ୍ଗମ କରି ଆଗକୁ ଏପରି ଅସୁବିଧା ହେବନି ବୋଲି ସେ କହିଥିଲେ। ଆଗକୁ ଆଇଆଇସିମାନେ ସୂଚନା ଦେବେ। ବଡ ବଡ ଖବର ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାଇ ଦିଆଯିବ ବୋଲି ଏସ୍‌ପି ଦାସ ଆଶ୍ୱସନା ଦେଇଛନ୍ତି।

### ସପ୍ତାହର ସଫଳତାର ବାର୍ତ୍ତା

ଖୋର୍ଦ୍ଧା ଆଦର୍ଶ ଥାନା, ଜଙ୍କିଆ, ସଦର, ବାଘମାରୀ ଥାନା ପକ୍ଷରୁ ପୋଲିସ ସପ୍ତାହକର ସଫଳତାର ବାର୍ତ୍ତା ବାଣ୍ଟିଛି। ପୋଲିସ ୫ଟି ମକଦ୍ଦମାରେ ୬ଟି କେସ୍ କରି ୫୨ ଗ୍ରାମ ୪୧୦ ମିଲିଗ୍ରାମ ବ୍ରାଉନସୁଗାର ଜବତ କରିଛି। ସେହିପରି କାର, ବାଇକ୍ ସହ ବିକ୍ରି ବାବଦକୁ ୪ ଲକ୍ଷ ୫୭ ହଜାର ୮୪୦ ଟଙ୍କା ଜବତ କରିଛି। ହଳଦିଆ ଗୁରୁଜଙ୍ଗ ରାସ୍ତାରୁ ୬୫୦ ଲିଟର ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ୩ ଜଣ ଜାତୀୟ ରାଜପଥ ଲୁଟେରାଙ୍କୁ ଗିରଫ କରାଯାଇ ବୋମା, ଆଇରନ ଜରଡ ଜବତ ହୋଇଛି। ୪ଟି ଡକାୟତି ଉଦ୍ୟମ ପଣ୍ଡ କରାଯାଇଥିବାବେଳେ ୨୨ ଡକାୟତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ୬୨ ହଜାର ଟଙ୍କା ଓ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଜବତ ହୋଇଛି। ପୁଣି ବେଆଇନ ଭାବେ ପଥର ବୋଝେଇ ୧୨ଟି ଟ୍ରକ ଜବତ କରାଯାଇଛି। ପୋଲିସ ସହ ମିଶି ୧୦ଟି ଅନୁରୂପ ଭାବେ ପଥର, ଚିପ୍‌ସ ଓ ବଜୁରି ବୋଝେଇ ଟ୍ରକ ଜବତ ହୋଇଛି। ଖୋର୍ଦ୍ଧା ଏସ୍‌ଡିପିଓ ସୁଶିଲ ମିଶ୍ରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ଅବାଧରେ ଚାଲିଛି ବ୍ରାଉନସୁଗାର କାରବାର

# ଖୋର୍ଦ୍ଧାରୁ ନୟାଗଡ଼କୁ ଚାଲାଣ

**ଖୋର୍ଦ୍ଧା ଅଫିସ,୨୫।୭:**

ଖୋର୍ଦ୍ଧା ଆଦର୍ଶ, ଖୋର୍ଦ୍ଧା ସଦର ଓ ଜଙ୍କିଆ ଥାନା ଅଞ୍ଚଳରେ ବ୍ରାଉନ୍‌ସୁଗାର କାରବାର ଅବାଧରେ ଚାଲିଛି। ନିଶା କାରବାରର ମାଷ୍ଟରମାଇଣ୍ଡ ତଥା ଖୋର୍ଦ୍ଧା ପଥରଖଣି ଉପତ୍ୟକାରେ ରାଜ କରୁଥିବା ସୁଧାଂଶୁ ପରିଡା ଓରଫ ଛୋଟା ଜେଲରେ ଥାଇ କାରବାରକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ ଉଠିଲାଣି। ଖୋର୍ଦ୍ଧାରେ ଧରପଗଡ ଚାଲିଥିବାରୁ କିଛି ବ୍ରାଉନ୍‌ସୁଗାର ବ୍ୟବସାୟୀ ନୟାଗଡ ଜିଲାକୁ ପଳାଇଲେଣି। ସେମାନେ ନୟାଗଡ ଜିଲାର ରଣପୁର, ସୁନାଖଳା ଓ ଚାନ୍ଦପୁର ଏବଂ ନୟାଗଡ ଜିଲାର ବିଭିନ୍ନ ଥାନା ଅଞ୍ଚଳକୁ କାୟା ବିସ୍ତାର କରି ସାରିଲେଣି ବୋଲି ଜଣେ ସହଯୋଗୀ ସୂଚନା ଦେଇଛନ୍ତି। ତେବେ ଏଥିରେ ଲାଭ ଏତେ ଅଧିକ ଯେ ଜଣେ ବ୍ୟବସାୟୀ ବ୍ୟବସାୟଙ୍କୁ ଛାଡିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି।

### ବନ୍ଧୁକ ଓ ସୁଧ କାରବାର

ଛୋଟା ବ୍ରାଉନସୁଗାର କାରବାର ସହ ଅତିରିକ୍ତ ଭାବେ ବନ୍ଧୁକ ଓ ସୁଧ କାରବାର କରୁଥିଲେ। ନିଜର ସୁରକ୍ଷା ପାଇଁ ବନ୍ଧୁକ ସହ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ମଧ୍ୟ ରଖିଥିଲେ। ବନ୍ଧୁକ ଓ ସୁଧ ବ୍ୟବସାୟରେ ଛୋଟାଙ୍କ ଭଲ ଲାଭ ହେଉଥିଲା। ତେବେ ବ୍ରାଉନ୍‌ସୁଗାର କାରବାରର ଲାଭ ତାଙ୍କୁ ଆଗକୁ ବଢ଼ାଉଥିଲା। ନିଜର ଅନୁଗତ ଦ୍ୱାରା ସେ ନିଶା ସାମ୍ରାଜ୍ୟକୁ ବଢ଼ାଇ ଚାଲିଥିଲେ।

### ଖସିବା ପାଇଁ ଫନ୍ଦିଫିକର

ଏସ୍‌ଟିଏଫ୍‌କୁ ଲଗାମ ଦେବାକୁ ଆରମ୍ଭ ହୋଇଯାଇଛି ପ୍ରୟାସ। କିଛି ମୋଟା ଅଙ୍କର ହାତଗୁଞ୍ଜା ଦେଇ କେଶ୍‌ର ମୋଡ ବଦଳାଇବାକୁ ଚାଲିଛି ପ୍ରସ୍ତୁତି। ଛୋଟାଙ୍କ ଅନୁଗତମାନେ ଏ ଦିଗରେ କେତେଜଣ ରାଜନେତାଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। କେଶର ଯେତିକି ଗୁମର ଫିଟିବ ସେତିକି ଅସୁବିଧା। କାରଣ ଯେଉଁମାନେ ଛୋଟା ଲିଙ୍କରେ ଆସିଛନ୍ତି ସେମାନେ ହଇରାଣ ହରକତ ହେବେ। ଫୋନ ସହ ବାରମ୍ବାର କଥାବାର୍ତ୍ତା ହୋଇଥିବା ଲୋକ ଫସିବେ। ଏଥିରେ କେତେଜଣ ରାଜନେତାଙ୍କ ନାଁ ଚର୍ଚ୍ଚା ହେଉଛି। ଏଣୁ ଛୋଟାଙ୍କୁ ଖସାଇ ଦିଆଗଲେ ଚିନ୍ତାର କାରଣ ନାହିଁ ବୋଲି ସଫେଇ ଦିଆଯାଉଛି। ଦେଖାଯାଉ ଛୋଟା ଖସୁଛନ୍ତି ନାଁ ଫସୁଛନ୍ତି।

# ମରାମତି ହେଉନି, ଦୁର୍ବଳ ଅବସ୍ଥାରେ ପୋଲ

**ବୋଲଗଡ଼,୨୫।୭(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବଡକୁମାରୀ–ହାଟବସ୍ତ ରାସ୍ତା ମଧ୍ୟବର୍ତ୍ତୀ ଧୋବାପଡିଆଠାରେ ରହିଛି ଏକ ପୁରୁଣା ଦୁର୍ବଳ ପୋଲ। ପିଚୁ, କଂକ୍ରିଟ ଉଠିଯାଇଥିବାରୁ ପୋଲଟି ଦୁର୍ବଳ ଓ ବିପଜ୍ଜନକ ଅବସ୍ଥାରେ ରହିଛି। ତେବେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲ ଓ ସଂଲଗ୍ନ ରାସ୍ତାଟିକୁ ମରାମତି କରାଯାଉ ନ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ତିତ୍‌ଲି ବାତ୍ୟା ସମୟରେ ବୋଲଗଡ଼ ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଅର୍ଥାତ୍ ୨ ଦିନ ମଧ୍ୟରେ ୨୬୦ ମିଲିମିଟର ବର୍ଷା ହୋଇଥିଲା । ଏହି ସମୟରେ ଉକ୍ତ ପୋଲ ଉପରେ ପ୍ରାୟ ୪ ଫୁଟ ଉଚ୍ଚତାର ବର୍ଷାଜଳ ପ୍ରବାହ ହୋଇ ରାସ୍ତା ଉପରୁ ପିଚୁ ଉଠିଯାଇଥିଲା । ଏ ପର୍ଯ୍ୟନ୍ତ ଏହାର ମରାମତି ହେଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏହି ପୋଲ ଉପର ରାସ୍ତାଟିକୁ ମରାମତି ନିମନ୍ତେ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିବା ସତ୍ତ୍ୱେ ରାସ୍ତାଟିକୁ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉନାହିଁ। ଏହା ଉପରେ ଭାରି ଯାନ ଚଳାଚଳ କରିବା ଦ୍ୱାରା ପୋଲର ପୂର୍ବ ପାର୍ଶ୍ୱ ଅଂଶ କଂକ୍ରିଟ ଫାଟି ଦିନକୁ ଦିନ ଦୁର୍ବଳ ଓ ଶୋଚନୀୟ ହୋଇପଡୁଛି। ବନ୍ୟା ସମୟରେ ଏହା ଉପରେ ଜଳ ପ୍ରବାହିତ ହୋଇ ଅଧିକ ସମୟ ଜମା ହୋଇ ରହିଲେ ପୋଲଟି କେତେବେଳେ ଯେ ଧନଜୀବନ ପ୍ରତି ବିପଦ ପାଲଟିବ ସେ ନେଇ ଯାତାୟାତକାରୀ ଆଶଙ୍କାରେ ରହିଛନ୍ତି। ତେଣୁ ତୁରନ୍ତ ପୋଲ ଉପର ରାସ୍ତା ମରାମତି କରିବା ଅତ୍ୟନ୍ତ ଜରୁରୀ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

**ଶୋଚନୀୟ ହୋଇପଡ଼ିଛି ଧୋବାପଡ଼ିଆ ରାସ୍ତା**



ବଡକୁମାରୀ–ହାଟବସ୍ତ ପୋଲ ଉପର ରାସ୍ତାରୁ ପିଚୁ ଉଠିଯାଇଛି।

### ୨ ଗାଁର ୫ ସ୍ଥାନରୁ ଚୋରି

**ବେଗୁନିଆ, ୨୫।୭(ଡି.ଏନ.ଏ.):**

ବେଗୁନିଆ ଥାନା ଇଲାକାରେ ବୁଧବାର ରାତିରେ ସିରିଜ ଚୋରି ହୋଇଛି। ୨ଟି ଗ୍ରାମର ୫ଟି ସ୍ଥାନରୁ ବହୁ ସାମଗ୍ରୀ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ମିଳିଥିବା ଖବର ମୁତାବକ, ଦୀର୍ଘଦିନ ହେଲା ଏହି ଥାନା ଇଲାକାରେ ସିରିଜ ଚୋରି ଘଟି ଚାଲିଛି। ମାତ୍ର ପୋଲିସର ଦୁର୍ବଳତାରୁ ଘଟଣାକ୍ରମରେ ବୁଧବାର କୋହ୍ଲୁଆପାଟଣା ଗ୍ରାମରେ ହେମନ୍ତ ପାଣିଗ୍ରାହୀଙ୍କ କ୍ୟାବିନ୍ ଭାଙ୍ଗିସାମଗ୍ରୀ ନେବା ସହ ବାବୁଲିପରିଡାଙ୍କ ଘରୁ ନୂଆ ସାଇକେଲ ନେଇ ପଳାଇଥିଲେ। ପୁଣି ସେହି ରାତିରେ ନିକଟସ୍ଥ ଗୋବିନ୍ଦପୁର ଗ୍ରାମରୁ ଚନ୍ଦ୍ରଶେଖର ମହାପାତ୍ରଙ୍କ ଘରୁ ନଗଦ ୧୧ ହଜାର ଟଙ୍କା ସହ ୪ ଭରି ସୁନା ହାର ଲୁଟି ନେଇ ପଳେଇ ଥିଲେ। ସେହି ଗ୍ରାମର ରାମଚନ୍ଦ୍ର ମହାପାତ୍ରଙ୍କ ଘରୁ ସାଇକେଲ ନେଇ ଯାଇ ଅନ୍ୟ ୨ ପରିବାରରେ ଲୁଟ୍ ଉଦ୍ୟମ କରି ବିଫଳ ହୋଇଥିଲେ। ଏ ନେଇ ଚନ୍ଦ୍ରଶେଖରଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ରିପୋର୍ଟ ଲେଖାଗଲା ବେଳକୁ ମାମଲା ରୁଜୁ ହୋଇନାହିଁ।

# ରୋଟାରି ପରିବାରର ଅଧିଷ୍ଠାନ ଦିବସ




ଅନୁଷ୍ଠିତ ଉତ୍ସବରେ ରୋଟାରି କ୍ଲବର ସଦସ୍ୟ ଓ ଅନ୍ୟମାନେ ।

**ଖୋର୍ଦ୍ଧା ଅଫିସ,୨୫।୭**

ଖୋର୍ଦ୍ଧାସ୍ଥିତ ରୋଟାରୀ ପରିବାର ପକ୍ଷରୁ ରୋଟାରୀ କ୍ଲବ, ଇନରହୁଇଲ୍ କ୍ଲବ୍ ଓ ରୋଟ୍ରାକ୍ଟ କ୍ଲବର ଅଧିଷ୍ଠାନ ଦିବସ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଜିଲା ଗଭର୍ନର ସୌମ୍ୟ ରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରୋଟାରୀ କ୍ଲବ୍‌ର ଆଭିମୁଖ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ। ଉତ୍ସବରେ ରୋଟାରୀ କ୍ଲବର ସଭାପତି ଦେବ ପ୍ରସାଦ ମଜୁମଦାର, ସମ୍ପାଦକ ମିହିର ନାୟକ, ଇନରହୁଇଲ କ୍ଲବର ସଭାନେତ୍ରୀ ଜ୍ୟୋସ୍ନାରାଣୀ ମିଶ୍ର, ସମ୍ପାଦିକା ଭାରତୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ୨୦୧୯–୨୦ ବର୍ଷ ପାଇଁ ରୋଟାରୀ କ୍ଲବର ନୂତନ ସଭାପତି ଭାବେ ସୌମ୍ୟରଞ୍ଜନ ମହାନ୍ତି, ସମ୍ପାଦକ ଭାବେ ରୁଦ୍ରନାଥ ଦତ୍ତ ଓ ଇନ୍‌ରହୁଇଲ ସଭାନେତ୍ରୀ କନକ ମଞ୍ଜରି ପଟ୍ଟନାୟକ, ସମ୍ପାଦିକ ସ୍ୱଂୟପ୍ରଭା ପଟ୍ଟନାୟକ, ବିଦାୟୀ ସଭାପତି ଓ ସମ୍ପାଦକମାନଙ୍କଠାରୁ ଦାୟିତ୍ୱ ନେଇଥିଲେ। ସେହିପରି ଚଳିତ ବର୍ଷର ରୋଟ୍ରାକ୍ଟ କ୍ଲବର ନୂତନ ସଭାପତି ଭାବେ ତ୍ରିଦିବେଶ ସ୍ୱାଇଁ, ସମ୍ପାଦକ ଭାବେ ଦେୱାଲ ଗୁଡୁ ଦାୟିତ୍ୱ ନେଇଥିବା ବେଳେ ଆଗାମୀ ଦିନରେ ରୋଟାରୀ କ୍ଲବ୍‌ର ବିଭିନ୍ନ ଲୋକାଭିମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ନୂତନ ଭାବେ ଦାୟିତ୍ୱ ନେଇଥିବା ସମ୍ପାଦକ ରୁଦ୍ରନାଥ ଦତ୍ତ ସୂଚନା ଦେଇଛନ୍ତି ।

## ୧୨.୨୨୦ ଗ୍ରାମ ବ୍ରାଉନସୁଗାର ଜବତ

**ଖୋର୍ଦ୍ଧା ଅଫିସ,୨୫।୭**

ବାଘମାରୀ ଥାନା ପୋଲିସ ୧୨.୨୨୦ ଗ୍ରାମ ବ୍ରାଉନସୁଗାର ବୁଧବାର ଜବତ କରିଛି । ଏହି ଘଟଣାରେ ପୋଡାଡିହର ନବକିଶୋର ସାହୁ(୩୮)ଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ନବଙ୍କୁ ଖୋର୍ଦ୍ଧା ସବ୍ ଜେଲକୁ ପଠାଇ ଦିଆଯାଇଛି।

# ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଜନ ଅସନ୍ତୋଷ

**ଅନ୍‌ଲାଇନ ଆବେଦନରୁ ବଞ୍ଚିତ ପ୍ରାର୍ଥୀ**

**ନିରାକାରପୁର,୨୫।୭(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନ ନିରାକାରପୁର ସେକ୍ସନରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି । ବର୍ତ୍ତମାନ ବର୍ଷାଋତୁ ଚାଲିଥିଲେ ମଧ୍ୟ କମ୍ ପରିମାଣରେ ବା ଆଦୌ ବର୍ଷା ହେଉ ନ ଥିବାରୁ ଗ୍ରୀଷ୍ମଋତୁ ଭଳି ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଏଭଳି ପରିସ୍ଥିତିରେ ଅଘୋଷିତ ଭାବେ ଦୈନିକ ୮ରୁ ୧୦ ଘଣ୍ଟା ବିଦ୍ୟୁତ୍ କାଟ ଯୋଗୁ ଜନ ଅସନ୍ତୋଷ ଦେଖାଦେଇଛି। ଏହାବ୍ୟତୀତ ସେନାବାହିନୀ, କଲେଜ୍‌ରେ ନାମଲେଖା ଏବଂ ଅନ୍ୟାନ୍ୟ ପରୀକ୍ଷା ନିମନ୍ତେ ଅନ୍‌ଲାଇନ୍‌ରେ ଆବେଦନ କାର୍ଯ୍ୟ ଜାରି ରହିଥିବାରୁ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ, ବିଭ୍ରାଟ ଯୋଗୁ ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ପ୍ରାର୍ଥୀ ବିଦ୍ୟୁତ୍ ବ୍ୟାଘାତ ଯୋଗୁ ଅନ୍‌ଲାଇନ ଆବେଦନରୁ ବଞ୍ଚିତ ହେଉଛନ୍ତି। ସୂଚନାଯୋଗ୍ୟ, ଏ ଅଞ୍ଚଳରେ ବିଦ୍ୟୁତ୍ ସେବା ଫେଡ୍‌କୋ ଯୋଗାଉଥିବାବେଳେ ସେସୁ ମୁଖ୍ୟ ଲାଇନ୍ ସେବା ଯୋଗାଉଛି । ତେଣୁ ବିଦ୍ୟୁତ୍ କାଟ ପରେ ଯଦି ଉକ୍ତ ୨ ସଂସ୍ଥାକୁ ଗ୍ରାହକଟିଏ ଫୋନ୍ କରନ୍ତି ତେବେ କେହି କଲ୍ ରିସିଭ୍(ଫୋନ୍ ନ ଉଠାଇବା) କରୁ ନ ଥିବାବେଳେ ଅନ୍ୟ କେହି କର୍ମଚାରୀ ଫୋନ୍‌କୁ ସୁଇଚ୍ ଅପ୍ ମୋଡ୍‌ରେ ରଖି ଦେଉଥିବା ସ୍ଥାନୀୟ ଲୋକେ କହୁଛନ୍ତି। ଉଲ୍ଲେଖଯୋଗ୍ୟ, ଗ୍ରାହକ ସେବା ନିମନ୍ତେ ଫୋନ୍ ୨୪ ଘଣ୍ଟା ବିଦ୍ୟୁତ୍ ସମସ୍ୟାଜନିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉତ୍ତର ଦେବା ଆବଶ୍ୟକ ସ୍ଥଳେ ଅଧିକାଂଶ ସମୟ ବ୍ୟସ୍ତ ରହୁଥିବା ଓ ଉତ୍ତର ଦେଉ ନ ଥିବାରୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମସ୍ୟା ନେଇ ନିରାକାରପୁର ସେକ୍ସନ କନିଷ୍ଠ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ରାତିରେ କୁରାଡ଼ମଲଠାରେ ଲାଇନ୍ ଖରାପ ହୋଇଥିଲା। ରାମେଶ୍ୱର ପଞ୍ଚାୟତ ଖଜୁରିପଡ଼ାଠାରେ ଦୁଇଟି ଶଙ୍ଖ ଖସିଯାଇଥିଲା। ମରାମତି ପରେ ଲାଇନ୍ ସ୍ୱାଭାବିକ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।



ଝୁଲୁଥିବା ଅବସ୍ଥାରେ ବିଦ୍ୟୁତ୍ ତାର ।

## ■ ପୋଲିସ, ଅବକାରୀ ବିଭାଗ ନିରୁପାୟ

# ନିଶା ବେପାରୀ, ନିଶାଗ୍ରସ୍ତଙ୍କୁ ସାବାଡ୍ କଲେ ମହିଳା

**ଜଟଣୀ,୨୫।୭(ଡି.ଏନ.ଏ.)**

ଜଟଣୀରେ ବ୍ୟାପକ ବ୍ରାଉନ୍‌ସୁଗାର (ପାଉ) ଭଳି ମାରାତ୍ମକ ନିଶା କାରବାର ବୃଦ୍ଧିକୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ନିଜ ଘର ପିଲା ସହ ସାହି ଓ ଗ୍ରାମର ଅନେକ ଯୁବକ ଏଥିରେ ଅଭ୍ୟସ୍ତ ହୋଇ ଅବାଟକୁ ଯିବା ଘଟଣା ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରିଛନ୍ତି। ଏହି ନିଶାରେ ଥରେ ଯିଏ ଅଭ୍ୟସ୍ତ ହେଉଛନ୍ତି ଛାଡ଼ିବା ନାଁ ଧରୁ ନାହାନ୍ତି। ଖାଇବା ସମୟ ହୋଇଯିବା ମାତ୍ରେ ଯଦି ନ ମିଳୁଛି, ନିଶାଗ୍ରସ୍ତମାନଙ୍କ ବିଚିତ୍ର ଆଚରଣ ଦେଖିବାକୁ ମିଳୁଛି। ସେମାନେ ନିଜ ଶରୀରକୁ କାମୁଡି ରକ୍ତାକ୍ତ କରି ପକାଉଛନ୍ତି। ବିଶେଷକରି ଯୁବବର୍ଗ ଏଥିରେ ଅଭ୍ୟସ୍ତ ହୋଇପଡ଼ିଥିବାରୁ ଧୀରେ ଧୀରେ ଦୁର୍ବଳ ହୋଇପଡୁଛନ୍ତି। ଅନ୍ୟପକ୍ଷରେ ଏହି ଦାମିକା ନିଶାସେବନ ପାଇଁ ଦୈନିକ ଟଙ୍କାର ଆବଶ୍ୟକତା ପଡୁଥିବାରୁ ନିଶାଗ୍ରସ୍ତମାନେ ଚୋରି ଓ ଲୁଟ୍ ଭଳି ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏହି ନିଶା କବଳରେ କବଳିତ ଯୁବକଙ୍କ ପରିବାରର ଆର୍ଥିକ ସ୍ଥିତି ଖରାପ ହେବା ସହ ଅଭିଭାବକଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ପରିବାରରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ଏହାକୁ ରୋକ ଲଗାଇବାକୁ କିଛିଦିନ ହେବ ପୋଲିସ ଅବଶ୍ୟ ଚଢ଼ାଉ ଜୋରଦାର କରିଛି। କେତେକ ନିଶା ବେପାରୀଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର ଜବତ କରିବାରେ ସକ୍ଷମ ହୋଇଛି। ହେଲେ ତାହା ପର୍ଯ୍ୟାପ୍ତ ନୁହେଁ। ଛୋଟ ଛୋଟ ଜରି ପ୍ୟାକେଟ୍‌ରେ ରହୁଥିବା ଏହି ମାରାତ୍ମକ ନିଶାଦ୍ରବ୍ୟ ଧରିବାରେ ପୋଲିସ ପାଇଁ କଷ୍ଟକର ବ୍ୟାପାର ହେଉଛି। ପୋଲିସ ଡାଳେ ଡାଳେ ଗଲେ ନିଶାବେପାରୀ ପତ୍ରେ ପତ୍ରେ ଯାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିଶାବେପାରୀ ଓ ନିଶାଗ୍ରସ୍ତଙ୍କୁ ସାବାଡ୍ କରିବାକୁ ଜଟଣୀ ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ମହିଳା ଓ ଯୁବକମାନେ ଆଗକୁ ବାହାରିଛନ୍ତି। ବିକ୍ରୟ ସ୍ଥାନରେ ପହଞ୍ଚି ନିଶା ବେପାର ନ କରିବା ପାଇଁ ବୁଝାଉଛନ୍ତି। ଆବଶ୍ୟକ ପଡ଼ିଲେ ବେପାରୀ ଓ ନିଶାଡିଙ୍କୁ ନିର୍ଧୁମ୍ ଛେଚୁଛନ୍ତି।

ଜଟଣୀର କୁଦିଆରୀ, ନୂଆଗାଁ, ହରିରାଜପୁର ଛକ, କୁସୁମାଟି, କଂସପଦା ଆଦି ସ୍ଥାନର ନିଶା ବେପାରୀ ଓ ସେବନକାରୀ ନିଶାଗ୍ରସ୍ତମାନେ ଆଗକୁ ବାହାରିଥିବା ମହିଳା ଯୁବକଙ୍କଠାରୁ ମାଡ଼ ଖାଇବା ସହିତ କାନ ଧରି ଉଠ୍‌ବସ୍ ହେବା ଭଳି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏପରି ନିଶା ବିରୋଧୀ ଅଭିଯାନ ଅନ୍ୟ ଅଞ୍ଚଳକୁ ମଧ୍ୟ ବ୍ୟାପୁଛି। ଫଳରେ ଖୁଲମ୍‌ଖୁଲା ନିଶା କାରବାର ଚଳାଇଥିବା ଚୋରା ବେପାରୀ କେତେକାଂଶରେ ଭୟଭୀତ ହୋଇପଡ଼ିଛନ୍ତି। ଜଟଣୀରେ ବ୍ରାଉନ୍‌ସୁଗାର କାରବାର ସମ୍ପୂର୍ଣ୍ଣ ବନ୍ଦ ପାଇଁ ଉଭୟ ପୋଲିସ ଓ ଅବକାରୀ ବିଭାଗ ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱ ଦେବା ଆବଶ୍ୟକତା ରହିଥିବା ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା କହିଛନ୍ତି। ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଥିବା ନିଶା ବିରୋଧୀ ଅଭିଯାନ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଛନ୍ତି। ଚାରିଆଡ଼େ ଲୋକେ ସଚେତନ ହେଲେ ଏହି ନିଶା କାରବାର ବନ୍ଦ ହୋଇପାରିବ ।



ପାଉ ବେପାରୀ, ନିଶାଗ୍ରସ୍ତମାନେ ଧରାପଡିବା ପରେ କାନ ଧରି ବସ୍ ଉଠ ହେଉଛନ୍ତି ।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ୨ ଲୁଟ୍ ଘଟଣାରେ ପୋଲିସ ହାତ ଖାଲି

ପୁରୀ ଅଫିସ, ୨୫।୭: ପୁରୀ ସହରରେ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ସେମାନେ ସୁଯୋଗ ଦେଖି ବିଭିନ୍ନ ସ୍ଥାନରେ ଲୁଟ୍‌ପାଟ୍ କରୁଛନ୍ତି। ଗତ ୩ଦିନ ମଧ୍ୟରେ ୨ଟି ଲୁଟ୍ ଘଟଣା ଘଟିଲାଣି। ମଙ୍ଗଳବାର ରାତିରେ ତାଳବଣିଆ ଥାନା ଅଧୀନ ସିଦ୍ଧମହାବୀର ମନ୍ଦିରରୁ ଲକ୍ଷାଧିକ ଟଙ୍କା ଲୁଟି ନିଆଯାଇଥିଲା। ଏହି ଘଟଣାରେ ପୋଲିସ ସନ୍ଦେହରେ ଦୁଇଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସେହିପରି ବୁଧବାର ମେଡିକାଲ ଛକ ନିକଟ କାନରା ବ୍ୟାଙ୍କ ପରିସରରେ ଜଣେ ଗ୍ରାହକଙ୍କଠାରୁ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ ହୋଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ବ୍ୟକ୍ତି କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଖୋଳତାଡ଼ କରୁଛି। ଏହି ଦୁଇଟି ଘଟଣାରେ ଗୁରୁବାର ସୁଦ୍ଧା ପୋଲିସକୁ କୌଣସି ସଫଳତା ମିଳିନାହିଁ। ଅନ୍ୟପଟେ ସିଟି ରୋଡ, ରେଳଷ୍ଟେଶନ, ମେଡିକାଲ ଛକ, କୋର୍ଟ ଛକ, ସିଂହଦ୍ୱାର, ବଡଦାଣ୍ଡ, ମେଡିକାଲ ପରିସରରୁ କେତୋଟି ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବେଳାଭୂମିରେ ମଧ ପର୍ଯ୍ୟଟକଙ୍କଠାରୁ ମୋବାଇଲ, ଟଙ୍କା ଆଦି ଲୁଟ୍ ହେଉଛି। ଏକ ଗ୍ୟାଙ୍ଗ କେବଳ ବ୍ୟାଙ୍କରୁ ଟଙ୍କା ଧରି ଫେରୁଥିବା ଗ୍ରାହକଙ୍କ ଉପରେ ନଜର ରଖିଥାନ୍ତି। ଦଶଟଙ୍କିଆ ନୋଟ, କଏନ ପକାଇ ବାଇକ ଡିକିରୁ ଟଙ୍କା ଧରି ଫେରାର ହୋଇଯାଆନ୍ତି। ପରେ ତାଙ୍କ ସ୍ଥାନରେ ଆଉ ଏକ ଗ୍ରୁପ୍ ଚାଲି ଆସନ୍ତି। ଏପରି ବାରମ୍ବାର ସ୍ଥାନ ପରିବର୍ତ୍ତନ ଯୋଗୁ ସେମାନଙ୍କ ଉପରେ ପୋଲିସର ସନ୍ଦେହ ହୋଇ ନ ଥାଏ। ନିକଟରେ ଗୁଣ୍ଡିଚା ମନ୍ଦିର ପଛପଟୁ ଏକ ବାଇକ ଡିକିରୁ ଲକ୍ଷାଧିକ ଟଙ୍କା ଲୁଟି ଭୁବନେଶ୍ୱର ଫେରାର ହୋଇ ଯାଇଥିଲେ ଲୁଟେରା। ପୋଲିସ ଅନୁସନ୍ଧାନ ବେଳେ ସେ ଧରାପଡ଼ିଥିଲେ।

### ମନ୍ଦିରରୁ ଚୋରି ଘଟଣା: ୨ ଗିରଫ

ପୁରୀ ଅଫିସ,୨୫।୭: ୱାଟର ୱାର୍କ୍ସ ରୋଡସ୍ଥିତ ସଙ୍କଟମୋଚନ ମନ୍ଦିରରୁ ଚୋରି ଘଟଣାରେ ବୁଧବାର ସମୁଦ୍ରକୂଳ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏମ୍. ଜଗା (୧୯) ଓ ଯୁଧିଷ୍ଠିର ସାହୁ (୨୨)। କିଛିଦିନ ତଳେ ଦୁହେଁ ଏହି ମନ୍ଦିରରୁ ଠାକୁରଙ୍କ ସୁନାଗହଣା ଲୁଟି ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

### ସାହସ ଆଣିଦିଏ ଅସୀମ ଶକ୍ତି

ସାକ୍ଷୀଗୋପାଳ, ୨୫।୭(ଡି.ଏନ୍.ଏ.): ସ୍ଥାନୀୟ ପଞ୍ଚସଖା ପଡ଼ିଆରେ ଟାଏକୋଣ୍ଡୋ ତାଲିମ ଗ୍ରହଣ କରୁଥିବା ଶିଶୁମାନଙ୍କ ମଧ୍ୟରେ ପ୍ରତିଭା ଚୟନ ପରୀକ୍ଷା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀଗୋପାଳ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ମନମୋହନ ଭଞ୍ଜ ପରୀକ୍ଷକ ଭାବରେ ଯୋଗଦେଇଥିଲେ। ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ ପ୍ରଥମେ ସୁନ୍ଦର ସ୍ୱାସ୍ଥ୍ୟ, ଉତ୍ତମ ଚରିତ୍ର ଓ ସାହସର ସହ ଆତ୍ମରକ୍ଷା ପାଇଁ ଆଗେଇ ଆସିବାକୁ ସେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ୨୦ ଜଣ ହଳଦିଆ, ସବୁଜ ଓ ସବୁଜ-୧ ବେଲ୍ଟ ଅକ୍ତିଆର କରିବାକୁ ସକ୍ଷମ ହୋଇଥିଲେ। ସାକ୍ଷୀଗୋପାଳ ଏକାଡେମୀର ସମ୍ପାଦକ ମିଲୁ ମହାପାତ୍ର ଓ ପୁରୀ ସଂଘର ସଭାପତି ବ୍ୟୋମକେଶ ପ୍ରସାଦ ପରିଚାଳନାରେ ସହଯୋଗ କରି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

### ଗଣଶିକ୍ଷା ମନ୍ତ୍ରୀଙ୍କ ଅଚାନକ ବିଦ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର,୨୫।୭(ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ପୂର୍ବାହ୍ଣରେ ଭୁବନେଶ୍ୱରସ୍ଥିତ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିଦର୍ଶନ କରି ସେଠାରେ ପ୍ରଶିକ୍ଷାର୍ଥୀମାନଙ୍କ ସହ ମତ ବିନିମୟ କରିଥିଲେ। ଶିକ୍ଷାନୁଷ୍ଠାନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ତଦାରଖ କରିବା ସହ ମନ୍ତ୍ରୀ ଦାଶ ଅନୁଷ୍ଠାନରେ ନିୟମିତ ଶିକ୍ଷକ ପଦବୀ ଖାଲିଥିବାର ଅବଗତ ହୋଇଥିଲେ। ବିଳମ୍ବରେ ଆସିଥିବା ଶିକ୍ଷକଙ୍କୁ କୈଫିୟତ ତଲବ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧକ୍ଷା ଅପର୍ଣ୍ଣା ମିଶ୍ର ମନ୍ତ୍ରୀ ଦାଶଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ଏହାସହ ଗଣଶିକ୍ଷା ମନ୍ତ୍ରୀ ୟୁନିଟ୍-୬ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମଧ ପରିଦର୍ଶନ କରିଥିଲେ। ଶ୍ରେଣୀଗୃହ ବୁଲି ଛାତ୍ରୀମାନଙ୍କ ପାଠପଢ଼ା ଦେଖିବା ସହ ପ୍ରଦାନ କରାଯାଉଥିବା ଉତ୍ଥାନ ଓ ଉତ୍କର୍ଷ କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଓ ପରିବେଷଣ ସମ୍ପର୍କରେ ପଚାରି ବୁଝିଥିଲେ।

■ ଖରିଫ ଋତୁ ପାଇଁ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ

# ୭୬୧ ମେଟ୍ରିକ ଟନ୍ ଧାନ ଉତ୍ପାଦନ ଲକ୍ଷ୍ୟ

ପୁରୀ ଅଫିସ, ୨୫।୭:

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ୨୦୧୯ ଖରିଫ ଋତୁ ପାଇଁ ପୁରୀ ଜିଲା କୃଷି ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ ଅଧ୍ୟକ୍ଷତା କରିଥିଲେ। ଆଲୋଚନା ଅନୁଯାୟୀ, ଚଳିତବର୍ଷ ୭୬୧ ମେଟ୍ରିକ ଟନ୍ ଧାନ, ପନିପରିବା ୨୨୨ ଏବଂ ମସଲାଜାତ ସାମଗ୍ରୀ ଅଢେଇ ମେଟ୍ରିକ ଟନ ଉତ୍ପାଦନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଖରିଫ ଋତୁରେ ମୋଟ ୧,୬୧,୧୦୦ ହେକ୍ଟର ଜମିରେ ବିହନ ବୁଣାବୁଣି କରାଯିବ। ଖରିଫ ଋତୁରେ ଜିଲାରେ ୭ହଜାର ହେକ୍ଟର ଜମିରେ ଧାଡ଼ିରୁଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ୧୪ହଜାର କୁଇଣ୍ଟାଲ ବିହନ ବିକ୍ରୟ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ୧୧ହଜାର କୁଇଣ୍ଟାଲ ବିକ୍ରି ହୋଇଛି। ଜିଲାରେ କାର୍ଯ୍ୟକ୍ଷମ ସମସ୍ତ ଜଳସେଚନ ପ୍ରଣାଳୀ ପାଇଁ କୃଷି ସିଞ୍ଚାଇ ଯୋଜନା ଅଧୀନରେ ୨୦୦ କୋଟି ଟଙ୍କା ପ୍ରଦାନ ପାଇଁ ପ୍ରସ୍ତାବ ଦିଆଯାଇଛି। ଚଳିତ ଖରିଫ ଋତୁରେ ଧାନଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଋଣ ନେଇଥିବା ୧ଲକ୍ଷ କୃଷକ ଏବଂ ଅଣଋଣୀ ଅଧୀନରେ ୩୭ ହଜାର କୃଷକଙ୍କୁ ସାମିଲ କରାଯିବ। ୧ଲକ୍ଷ ଋଣୀ ଚାଷୀଙ୍କ ମଧ୍ୟରୁ ୮୦ ହଜାର ବିଭିନ୍ନ ସମବାୟ ବ୍ୟାଙ୍କ ଏବଂ ୨୦ହଜାର ଅନ୍ୟ ବ୍ୟାଙ୍କରୁ ଋଣ ନେଇଛନ୍ତି। ଚଳିତ ମାସ ଶେଷ ସୁଦ୍ଧା ଚାଷୀଙ୍କୁ ମୋଟ ୧୯୦ କୋଟି ଟଙ୍କା ଋଣ ଦିଆଯିବ। ବର୍ତ୍ତମାନ ଏହି ଋଣ ପ୍ରଦାନ ଜାରି ରହିଛି, ଯେଉଁମାନେ ଋଣ ନେବେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରାଯିବ। ସେହିପରି ଏକର ପିଛା ୫୫ କୁଇଣ୍ଟାଲ ଧାନ ଅମଳ ପାଇଁ ବୈଷୟିକ ସହାୟତା ପ୍ରଦାନ କରାଯିବ। ଚଳିତ ଋତୁରେ ୧,୧୮,୫୪୦ ହେକ୍ଟର ଜମି ଜଳସେଚିତ ଏବଂ ୪୨,୫୬୦ ହେକ୍ଟର ଅଣଜଳସେଚିତ ଜମି ରହିଛି। ଅନ୍ୟପକ୍ଷରେ ଚଳିତବର୍ଷ ଉଦ୍ୟାନ କୃଷି ପାଇଁ ୬୦ହଜାର କାଜୁ, ୫ହଜାର ଆମ୍ବ, ୨୬,୨୫୦ଟି ନଡ଼ିଆ ଚାରା ରୋପଣ କରାଯିବ। ଗେଣ୍ଡୁ ଫୁଲ ଚାଷକୁ ପ୍ରୋତ୍ସାହିତ କରାଯିବା ସହ ଛତୁ ଚାଷୀଙ୍କ ପାଇଁ ଅଧିକ ଆର୍ଥିକ ସହାୟତା ପ୍ରଦାନ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ବୈଠକରେ କୃଷି ଉପନିର୍ଦ୍ଦେଶକ ଏସ୍. ଚନ୍ଦ୍ରଶେଖର ରାଓ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ନବକିଶୋର ତାଡ଼, କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆତ୍ମା ଅଧିକାରୀ ବରେନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।



କୃଷି ନିର୍ଦ୍ଧାରଣ କମିଟି ବୈଠକରେ ଯୋଗଦେଇଥିବା ବିଭିନ୍ନ ବ୍ଲକର ପଦାଧିକାରୀମାନେ।

■ ୧୪ ହଜାର କୁଇଣ୍ଟାଲ ବିହନ ବିକ୍ରି ହେବ

■ ଗେଣ୍ଡୁଫୁଲ ଚାଷୀଙ୍କୁ ପ୍ରୋତ୍ସାହିତ କରାଯିବ

■ ଛତୁଚାଷୀଙ୍କୁ ଅଧିକ ଆର୍ଥିକ ସହାୟତା ଦିଆଯିବ



ପୁରୀ ବେଳାଭୂମିରେ ଗୁରୁବାର ଉଠାଦୋକାନୀମାନେ ବର୍ଷାରୁ ରକ୍ଷା ପାଇବା ପାଇଁ ଜରିପାଲ ଢାଙ୍କିଛନ୍ତି।

### ନାବାଳିକା ଅପହରଣ: ଜଣେ ଗିରଫ

ପୁରୀ ଅଫିସ, ୨୫।୭:

ଜନୈକା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ବାଙ୍କୀ ମୁହାଣ ଅଞ୍ଚଳର ଲିପୁ ନାୟକ। ପ୍ରକାଶ ଯେ, ଗତ ଫେବୃୟାରୀ ମାସରେ ଲିପୁ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ପରିବାରବର୍ଗଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

■ ବାଇଶି ପାହାଚରେ ଶ୍ରାଦ୍ଧ ପ୍ରସଙ୍ଗ

## ଶାସ୍ତ୍ରୀୟ ବିଧି ଜାଣିବାକୁ ଚିଠି ଲେଖିଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ ଅଫିସ, ୨୫।୭:

ଶ୍ରୀମନ୍ଦିର ବାଇଶି ପାହାଚ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଏହା ଜଡ଼ିତ। ଏହାକୁ ଅତି ପବିତ୍ର ସ୍ଥାନ ବୋଲି କୁହାଯାଏ। ତେଣୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପରିବାର ଲୋକେ ଏଠାରେ ଶ୍ରାଦ୍ଧ ଦିଅନ୍ତି। ବର୍ଷସାରା ବାଇଶି ପାହାଚରେ ଶ୍ରାଦ୍ଧ କର୍ମ ଚାଲିଥାଏ। ସେହିପରି ବିଭିନ୍ନ ପର୍ବପର୍ବାଣି ଦିନରେ ଏଠାରେ ଭକ୍ତଙ୍କ ଭିଡ଼ ହୋଇଥାଏ। ଶ୍ରାଦ୍ଧ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ଅନେକ ବୈଠକରେ ଆଲୋଚନା କରାଯାଇଛି। ମାତ୍ର ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସନ ମୁହଁ ଖୋଲୁନାହିଁ। ଏଠାରେ ଶ୍ରାଦ୍ଧ ବ୍ୟବସ୍ଥା ନେଇ କୌଣସି ଶାସ୍ତ୍ରୀୟ ବିଧି ନ ଥିବାବେଳେ କେବଳ ପରମ୍ପରା ଅନୁସାରେ ଏହା ଚାଲିଆସୁଛି ବୋଲି କେତେଜଣ ଗବେଷକ ମତ ଦେଇଛନ୍ତି। ଅନ୍ୟପଟେ ଏହାର ଶାସ୍ତ୍ରୀୟ ବିଧି କ'ଣ ରହିଛି, ସେ ସମ୍ପର୍କରେ ତଥ୍ୟ ଦେବାକୁ ଶ୍ରୀମନ୍ଦିର ପ୍ରଶାସନ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଚିଠି ଲେଖି ଅନୁରୋଧ କରିଥିବା ଜଣାପଡ଼ିଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ଏ ସଂକ୍ରାନ୍ତରେ ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି।

### 'ଅଧିକ ତର୍ଜମା ହେବା ଉଚିତ'

ଶ୍ରାଦ୍ଧ ପ୍ରସଙ୍ଗରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ମତ ରଖିଛନ୍ତି। ଏ ନେଇ ଅଧିକ ତର୍ଜମାର ଆବଶ୍ୟକତା ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି।

ବାଇଶି ପାହାଚରେ ଶ୍ରାଦ୍ଧ ଦେବା ନେଇ କୌଣସି ଶାସ୍ତ୍ରରେ ଉଲ୍ଲେଖ ନାହିଁ। କିନ୍ତୁ ଏହା ଏକ ପରମ୍ପରାରେ ପରିଣତ ହୋଇଗଲାଣି। ଏହାଦ୍ୱାରା ଅନେକ ବ୍ରାହ୍ମଣ ଉପକୃତ ହେଉଛନ୍ତି। ଲୋକଙ୍କ ବିଶ୍ୱାସ ରହିଛି ଏଠାରେ ପିଣ୍ଡ ଦାନ କଲେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି। ତେବେ ଦୀର୍ଘଦିନ ଧରି ପରମ୍ପରା ଭାବେ ଗଢ଼ିଉଠିଥିବା ବାଇଶି ପାହାଚରେ ଶ୍ରାଦ୍ଧ ବ୍ୟବସ୍ଥା ଶୃଙ୍ଖଳିତ ହେବା ଉଚିତ।

**-ଡ. ନରେଶ ଚନ୍ଦ୍ର ଦାଶ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ।**

ସିଂହଦ୍ୱାର ଗୁମୁଟରୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଯେଉଁ ପାହାଚ ରହିଛି ତାହାକୁ ବାଇଶି ପାହାଚ କୁହାଯାଏ। ଏହା ଏକ ପବିତ୍ର ସ୍ଥାନ ଓ ଭକ୍ତଙ୍କ ଭାବାବେଗ ସହିତ ଜଡ଼ିତ। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବାବେଳେ ଏଠାରେ ଘଣ୍ଟା ଘଣ୍ଟା ଧରି ବସନ୍ତି। ଏଥିଯୋଗୁ ସେମାନେ ପବିତ୍ର, ଶାନ୍ତି ଅନୁଭବ କରିଥାନ୍ତି। ମହାପ୍ରଭୁ ଏହି ପାହାଚ ଦେଇ ବାହାର ବିଜେ କରନ୍ତି। ଏହି ଦୃଷ୍ଟିରୁ ଭକ୍ତଙ୍କୁ ଏହା ଆକର୍ଷିତ କରିଥାଏ। ମନସ୍କାମନା ପୂର୍ଣ୍ଣ ନେଇ ଶ୍ରଦ୍ଧାଳୁମାନେ ବାଇଶିପାହାଚରେ ଗଡ଼ନ୍ତି। ଏହାର ପବିତ୍ରତା ଭାବକୁ ନେଇ ଲୋକେ ପିଣ୍ଡଦାନ କରୁଛନ୍ତି। ବାଇଶି ପାହାଚକୁ ନେଇ ଅନେକ ଜନଶ୍ରୁତି ଓ ଲୋକକଥା ମଧ ରହିଛି।

**-ଡ. ସୁରେନ୍ଦ୍ର ମିଶ୍ର, ଐତିହ୍ୟ ବିଶାରଦ।**

ବାଇଶି ପାହାଚରେ ଶ୍ରାଦ୍ଧ ବ୍ୟବସ୍ଥା ଦୀର୍ଘଦିନ ଧରି ଚାଲିଆସିଛି। ବିଭିନ୍ନ ଶାସ୍ତ୍ର ଅଧ୍ୟୟନରୁ ଜଣାପଡ଼େ, ଏଠାରେ ଶ୍ରାଦ୍ଧ ଦେବା ସଂକ୍ରାନ୍ତରେ ନିର୍ଦ୍ଦିଷ୍ଟ ଭାବେ କୌଣସି ଶାସ୍ତ୍ର, ପୁରାଣରେ ଉଲ୍ଲେଖ ନାହିଁ। କିନ୍ତୁ ଦେବାଳୟ ପରିସରରେ ପିଣ୍ଡଦାନ କରାଯାଇପାରିବ, ଏକଥା ଶାସ୍ତ୍ରାନୁମୋଦିତ। ଏଣୁ ଏ ପ୍ରସଙ୍ଗରେ ଅଧିକ ତର୍ଜମା ଆବଶ୍ୟକ।

**-ସୂର୍ଯ୍ୟନାରାୟଣ ରଥ, ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଦସ୍ୟ।**

ଶାସ୍ତ୍ରୀୟ ମତ ଯାହା ହେଉନା କାହିଁକି, ଏହା ଲୋକଙ୍କ ଭାବାବେଗ ସହିତ ଜଡ଼ିତ ରହିଛି। ବାଇଶି ପାହାଚରେ ପିଣ୍ଡଦାନ କଲେ ପିତୃପୁରୁଷ ସ୍ୱର୍ଗପ୍ରାପ୍ତି ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏ ନେଇ କୌଣସି ନିଷ୍ପତ୍ତି ଗ୍ରହଣ କରାଯିବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଏ ପ୍ରସଙ୍ଗରେ ତର୍ଜମା କରିବା ଉଚିତ ହେବ।

**-ରାମଚନ୍ଦ୍ର ଦାସ ମହାରାଜ, ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ।**

ବାଇଶି ପାହାଚରେ ଶ୍ରାଦ୍ଧ ନେଇ ଶାସ୍ତ୍ରୀୟ ବିଧି କ'ଣ ରହିଛି, ସେ ସଂକ୍ରାନ୍ତରେ ତଥ୍ୟ ପ୍ରଦାନ ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ପଣ୍ଡିତ ସଭାରେ ଏ ନେଇ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନାହିଁ। ଖୁବ୍‌ଶୀଘ୍ର ଆଲୋଚନା କରାଯିବ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସହ ମଧ ବିଚାରବିମର୍ଶ କରାଯିବ।

**-ଗଙ୍ଗାଧର ମିଶ୍ର, ମୁକ୍ତିମଣ୍ଡପ ପଣ୍ଡିତ ସଭା ସମ୍ପାଦକ।**

ଅନ୍ୟପକ୍ଷରେ କେତେଜଣ ଗବେଷକଙ୍କ ମତରେ ଶ୍ରୀମନ୍ଦିର ଭିତରକୁ କୌଣସି ପ୍ରେତ ବା ଅଶରୀରୀ ଯିବା କଥା ନୁହେଁ। ମାତ୍ର ବାଇଶି ପାହାଚରେ ଯେଉଁ ଶ୍ରାଦ୍ଧ ଦିଆଯାଉଛି ତାହା ଦ୍ୱାରା ଶ୍ରୀମନ୍ଦିର ଭିତରକୁ ଅଶରୀରୀଙ୍କୁ ଆବାହନ କରାଯାଉଛି। ତେଣୁ ଏପରି କରାଯିବା ଠିକ୍ ନୁହେଁ। ଶାସ୍ତ୍ରରେ ମଧ ଏଭଳି ବିଧି ନାହିଁ। ଅତି ପ୍ରାଚୀନ କାଳରୁ ତୀର୍ଥ ପୁଷ୍କରିଣୀ ଅର୍ଥାତ୍ ଶ୍ୱେତଗଙ୍ଗା, ଇନ୍ଦ୍ରଦ୍ୟୁମ୍ନ, ମହୋଦଧିରେ ଶ୍ରାଦ୍ଧ ଦେବାର ପରମ୍ପରା ରହିଛି। ଏହା ଉପରେ ଅଧିକ ଆଲୋଚନା କରାଯିବା ଉଚିତ ହେବ। ସେହିପରି କେତେଜଣ ଶ୍ରଦ୍ଧାଳୁଙ୍କ ମତରେ ଶ୍ରାଦ୍ଧ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବା ଦରକାର। କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ଉଚିତ ନୁହେଁ। ପିଣ୍ଡ ଦେଇ ଫେରୁଥିବା ସୁନ୍ଦରଗଡ଼ର ଗଣେଶ ମହାନ୍ତି ଓ କଟକର ଅରୂପ ଜେନା କହିଛନ୍ତି, ପ୍ରଶାସନ ଶୃଙ୍ଖଳା ବ୍ୟବସ୍ଥା କରି ନ ପାରି ଏଭଳି ଏକ ପରମ୍ପରା ଉପରେ ଅଙ୍କୁଶ ଲାଗି ଆଲୋଚନା କରିବା ଦ୍ୱାରା ନିଜ ଦୁର୍ବଳତାକୁ ପଦାରେ ପକାଉଛି। ପ୍ରଶାସନ ସବୁ ଦିଗକୁ ବିଚାର କରି ନିଷ୍ପତ୍ତି ନେଲେ ଭଲ ହେବ।

## ପ୍ରାଣୀ ମିତ୍ର, କୃଷି ମିତ୍ର ପଦବୀ ପରୀକ୍ଷାର ବାହାରୁନି ଫଳାଫଳ

ଗୋପ, ୨୫।୭(ଡି.ଏନ୍.ଏ.)

ଓଡ଼ିଶା ଜୀବିକା ମିଶନ ଜରିଆରେ ଗୋପ ବ୍ଲକର ୩୧ଟି ପଞ୍ଚାୟତ ପାଇଁ ପ୍ରାଣୀ ମିତ୍ର ଓ କୃଷି ମିତ୍ର ପଦବୀ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ଏଥିପାଇଁ ଆରମ୍ଭରୁ ଅନିୟମିତତା ହୋଇଥିବା ଦେଖାଦେଇଛି। ଗୋପ ଜୀବିକା ମିଶନର ପ୍ରକଳ୍ପ ପରିଚାଳିକା ଗତ ୧ ତାରିଖରେ ବ୍ଲକ୍‌ର ବଉଳାଙ୍ଗ, ଏରବଙ୍ଗ ଏବଂ ଧୂମାଳ ପଞ୍ଚାୟତରେ ଏଥିପାଇଁ ପରୀକ୍ଷା କରିଥିଲେ ମଧ ଏପର୍ଯ୍ୟନ୍ତ ଫଳାଫଳ ପ୍ରକାଶ ହୋଇନାହିଁ। ଫଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଓଡ଼ିଶା ଜୀବିକା ମିଶନ ତରଫରୁ ଗୋପ ବ୍ଲକ୍‌ର ୩୧ଟି ପଞ୍ଚାୟତ ପାଇଁ ୬୨ଟି ପ୍ରାଣୀ ମିତ୍ର, ୯୩ଟି କୃଷି ମିତ୍ର ଓ ୩୧ଟି ସିଆର୍‌ପି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପଞ୍ଚାୟତ ମହିଳା ମହାସଂଘ ଜରିଆରେ ଶହ ଶହ ଆଶାୟୀ ଆବେଦନ କରିଥିଲେ। ପରୀକ୍ଷା ସରିବା ମାତ୍ରେ ସଙ୍ଗେ ସଙ୍ଗେ ଫଳ ପ୍ରକାଶିତ କରି ଚୟନ ହୋଇଥିବା ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ନିୟମ ରହିଛି। ମାତ୍ର ପରୀକ୍ଷା ପରେ ଖାତା ବ୍ଲକ କାର୍ଯ୍ୟାଳୟରେ ରହିଥିବାରୁ ଏଥିରେ ଅନିୟମିତତା ହୋଇଥିବା ନେଇ ଆଶାୟୀମାନେ ଅଭିଯୋଗ କରିଛନ୍ତି। ଏନେଇ ଆଶାୟୀମାନେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ରାଜ୍ୟ ସରକାର ରାଜ୍ୟର ଉନ୍ନତୀକରଣ ଓ ମହିଳା ସଶକ୍ତୀକରଣର ଠିକ୍ କାର୍ଯ୍ୟଧାରାକୁ ନେଇ ଏପରି ଏକ ଯୋଜନା ପ୍ରସ୍ତୁତ କରିଥିବାବେଳେ ବ୍ଲକ୍‌ରେ କାର୍ଯ୍ୟ କରୁଥିବା ଓଡ଼ିଶା ଜୀବିକା ମିଶନର ଅଧିକାରିଣୀମାନେ ଏହି ଯୋଜନାକୁ ଠିକ୍ ଭାବରେ ପରିଚାଳନା ନ କରିବାରୁ ସରକାରଙ୍କ ଯୋଜନା ବାଟବଣା ହେବାର ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୋପ ଜୀବିକା ମିଶନ ପ୍ରକଳ୍ପ ପରିଚାଳିକା ଦୀପାଳି ଛାଟୋଇଙ୍କୁ ପଚାରିବାରେ ପରୀକ୍ଷା କରାଯାଇଛି। ଖୁବ୍ ଶୀଘ୍ର ଫଳ ପ୍ରକାଶ କରାଯିବ ବୋଲି କହିଥିଲେ।

## ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ମାଛଚାଷ ତାଲିମ



ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

ପୁରୀ ଅଫିସ, ୨୫।୭:

■ ଲିଜ୍ ସୂତ୍ରରେ ନେଇପାରିବେ ପଞ୍ଚାୟତ ପୋଖରୀ

■ ବିନା ସୁଧରେ ହେକ୍ଟର ପିଛା ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ

ଗ୍ରାମୀଣ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ତଥା ପୁଷ୍ଟିହୀନତା ଦୂରୀକରଣ ଲକ୍ଷ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟାମାନଙ୍କ ଜରିଆରେ ମାଛଚାଷକୁ ପ୍ରୋତ୍ସାହନ ଦେବା ଲାଗି ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପୁରୀ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଗୁରୁବାରଠାରୁ ଦୁଇଦିନିଆ ବ୍ଲକସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ମିଶନ ଶକ୍ତି ଓଡ଼ିଶା ଏବଂ ୱାଇଲ୍ଡ ପିସ୍ ସହଯୋଗରେ ସ୍ଥାନୀୟ ଜିଲା ମତ୍ସ୍ୟ କାର୍ଯ୍ୟାଳୟ ପରିସରରେ ଏହି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏଥିରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ୨୪ ସଦସ୍ୟ ଓ ୬ଜଣ ପ୍ରାଣୀମିତ୍ର ଯୋଗଦେଇଥିଲେ।

ଶିବିରକୁ ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର କୁମାର ବେହେରା ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଏହି ଯୋଜନାରେ ଏସ୍‌ଏଚ୍‌ଜିଗୁଡ଼ିକୁ ଏକର ପିଛା ୨ହଜାର ଟଙ୍କା ମୂଲ୍ୟରେ ପଞ୍ଚାୟତ ପୋଖରୀଗୁଡ଼ିକୁ ଲିଜ୍ ସୂତ୍ରରେ ଦିଆଯିବ। ବିନା ସୁଧରେ ବ୍ୟାଙ୍କ ଜରିଆରେ ହେକ୍ଟର ପିଛା ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦିଆଯିବ ଓ ଋଣ ଉପରେ ୯୦ ହଜାର ଟଙ୍କା ରିହାତି ପ୍ରଦାନ କରାଯିବ। ସେହିପରି ପ୍ରତି ବ୍ଲକରେ ଦୁଇଦିନିଆ ତାଲିମ ଦିଆଯିବ। ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ସହ ପଞ୍ଚାୟତିରାଜ ବିଭାଗ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓ ମିଶନ ଶକ୍ତି ସାମିଲ ହୋଇଛନ୍ତି। ପ୍ରଶିକ୍ଷଣ ଶିବିରରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶୁଭଶ୍ରୀ ଦାଶ, ଏଏଫ୍‌ଓ ସଂଘମିତ୍ରା ପାଣିଗ୍ରାହୀ ଏଏଫ୍‌ଓ ସୁବ୍ରତ ପଟ୍ଟନାୟକ, ମିଶନଶକ୍ତି ସଂଯୋଜିକା ଦେବସ୍ମିତା ମହାପାତ୍ର ଯୋଗଦେଇ ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ମାଛଚାଷ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

■ ବର୍ଷାରେ ଦବିଲା ରାସ୍ତା

## ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ପଶିଲା ମଇଳା ପାଣି

ପୁରୀ ଅଫିସ, ୨୫।୭:

ବିପର୍ଯ୍ୟସ୍ତ ହୋଇପଡ଼ିଛି ଶ୍ରୀକ୍ଷେତ୍ରର ଏକାଧିକ ଐତିହ୍ୟ ପୁଷ୍କରିଣୀ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଗୋଟିଏ ପରେ ଗୋଟିଏ ପୁଷ୍କରିଣୀର ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ସବୁଠୁ ପରିତାପର ବିଷୟ ହେଉଛି ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ଇନ୍ଦ୍ରଦ୍ୟୁମ୍ନ ଅବସ୍ଥା ଅଧିକ ଦୟନୀୟ ହୋଇପଡ଼ିଛି। ତିନି ପାର୍ଶ୍ୱରେ ପାଚେରି ଭୁଶୁଡି ଏହା ଅସୁନ୍ଦର ଲାଗୁଥିବାବେଳେ ଏଥିରେ ରାସ୍ତାରୁ ବୋହି ଆସୁଥିବା ମଇଳା ପାଣି ପଶୁଛି। ଭାଙ୍ଗି ଯାଇଥିବା ପାଚେରି ତିଆରି ହୋଇ ନ ଥିବାବେଳେ ଅସ୍ଥାୟୀ ଭାବେ ବାଲିବସ୍ତା ଓ ସିମେଣ୍ଟ କାନ୍ଥ ବାଡ଼ା କରାଯାଇଛି। ଗୁରୁବାର ହୋଇଥିବା ବର୍ଷାରେ ପୂର୍ବପାର୍ଶ୍ୱ ରାସ୍ତା ଦବିଯାଇ ମଇଳା ପାଣି ପବିତ୍ର ଇନ୍ଦ୍ରଦ୍ୟୁମ୍ନରେ ପଶୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେବଳ ଇନ୍ଦ୍ରଦ୍ୟୁମ୍ନରେ ଏହି ମଇଳା ପାଣି ପଶୁଛି ତାହା ନୁହେଁ ଦବି ଯାଇଥିବା ସ୍ଥାନ ଖାଇଯାଉଥିବାରୁ ନିକଟସ୍ଥ ଘର ପ୍ରତି ମଧ ବିପଦ ସୃଷ୍ଟି କରିଛି। ଏଥିସହ ସେହି ରାସ୍ତା ଦେଇ ଯା'ଆସ କରୁଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି।

ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ହେଉଛି ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ। ହିନ୍ଦୁଧର୍ମାବଲମ୍ବୀମାନେ ପବିତ୍ର ପଞ୍ଚତୀର୍ଥରେ ବୁଡ଼ ପକାଇଲେ ପୁରୀକୁ କରିଥିବା ତୀର୍ଥଯାତ୍ରା ସଫଳ ହୁଏ ବୋଲି ବିଶ୍ୱାସ ରହିଛି। ତେବେ ତୀର୍ଥଯାତ୍ରୀଙ୍କ ଭାବାବେଗ ସହ ଜଡ଼ିତ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ। ବିପଦପୂର୍ଣ୍ଣ ହୋଇପଡ଼ିଛି ପାଚେରି, ପ୍ରଦୂଷିତ ହୋଇଛି ଏହାର ପାଣି। ଗତବର୍ଷ ଅଗଷ୍ଟ ୬ରେ ଏହାର ପୂର୍ବ ପାର୍ଶ୍ୱ ପାଚେରି ପ୍ରାୟ ୫୬ ଫୁଟ ଏବଂ ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ୫୦ ଫୁଟରୁ ଉର୍ଦ୍ଧ୍ୱ ପାଚେରି ଭୁଶୁଡ଼ି ପଡ଼ିଥିଲା। ସେହିପରି ଗତବର୍ଷ ଅକ୍ଟୋବର ୧୧ତାରିଖ ରାତିରେ ହୋଇଥିବା ବର୍ଷାରେ ଉତ୍ତର ପାର୍ଶ୍ୱ ପାଚେରି ପ୍ରାୟ ୪୦ରୁ ୫୦ ଫୁଟ ପୁଷ୍କରିଣୀ ମଧ୍ୟକୁ ଭୁଶୁଡ଼ି ପଡ଼ିଥିଲା। ପ୍ରାୟ ବର୍ଷେ ହେବ ପାଚେରି ତିଆରି କରାଯାଉନାହିଁ। ପୂର୍ବ ପାର୍ଶ୍ୱରେ ଭାଙ୍ଗିଥିବା ପାଚେରି କଡ଼ରେ ଶ୍ରୀମନ୍ଦିର ପ୍ରଶାସନ ସିମେଣ୍ଟ କାନ୍ଥବାଡ଼ା ତିଆରି କରିଥିବାବେଳେ ଉତ୍ତର ପାର୍ଶ୍ୱରେ ଇଟା ଯୋଡ଼େଇ କାନ୍ଥ କରିଛି। ଏହା ପାଚେରିଠାରୁ ପଛକୁ କରାଯାଇଛି ଏବଂ ଆଗରେ ବାଲିବସ୍ତା ପ୍ୟାକ୍ ଦିଆଯାଇଛି, ଯାହାକି ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ବାଲିବସ୍ତା ମଧ୍ୟରୁ ଅଧିକାଂଶ ଫାଟିଗଲାଣି। ସେହିପରି ପୂର୍ବପଟେ ରାସ୍ତା ତଳେ ଯାଇଥିବା ସ୍ୱେରେଜ ବୋର୍ଡ ନଳାର ଗୋଟିଏ ଜଏଣ୍ଟ ସ୍ଥାନ ଫାଟିଯିବାରୁ ଏଠାରୁ ମଇଳା ପାଣି ବାହାରି ବାଲିବସ୍ତା ଉପରଦେଇ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ମିଶୁଥିଲା। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିବା ପରେ କିଛିଦିନ ତଳେ ସ୍ୱେରେଜ ବୋର୍ଡ ପକ୍ଷରୁ ଏହାର ମରାମତି କରାଯାଇଥିଲା। ରାସ୍ତା ଖୋଳି ଓ ପୁଷ୍କରିଣୀ କଡ଼ରେ ପଡିଥିବା ବାଲିବସ୍ତା ଉଠାଇ ମରାମତି କରାଗଲା, କିନ୍ତୁ ରାସ୍ତାର ସ୍ଥାୟୀ ମରାମତି ନ କରି କେବଳ ବାଲି ପକାଇ ଛାଡ଼ିଦିଆଗଲା। ସ୍ଥାନୀୟ ବାସିନ୍ଦା ବିଭୂତି ଭୂଷଣ ରଥ କହିଛନ୍ତି, ଗୁରୁବାର ବର୍ଷା ଯୋଗୁ ଏହି ସ୍ଥାନରେ ରାସ୍ତା ଦବିଯାଇ ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀକୁ ଘଳିଆ ପଡ଼ିଥିଲା। ଫଳରେ ରାସ୍ତାର ମଇଳା ପାଣି ଇନ୍ଦ୍ରଦ୍ୟୁମ୍ନରେ ମିଶିବା ସହ ଘଳିଆ ଯୋଗୁ ନିକଟସ୍ଥ ଘରଗୁଡ଼ିକ ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ।



ବର୍ଷାରେ ରାସ୍ତା ଦବି ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀରେ ନର୍ଦ୍ଦମା ଜଳ ମିଶୁଛି।